## ସଂକ୍ଷେପରେ



### 'ଅରୂପା'ର ହସ୍ତଶିଳ୍ପ, ଖାଦ୍ୟମେଳା

**ସୁନାବେଡ଼ା,୧୨।୧୧(ଡି.ଏନ୍.ଏ.):** ସୁନାବେଡ଼ାସ୍ଥିତ ମ୍ୟୁନିସିପାଲିଟି ପଡ଼ିଆରେ ଅରୂପା ହସ୍ତଶିଳ୍ପ ଓ ଖାଦ୍ୟମେଳା ମଙ୍ଗଳବାର ଶେଷଦିନରେ ପହଞ୍ଚିଛି। ମେଳାରେ ମୋଟ ୩୦ଟି ଷ୍ଟଲ ଖୋଲିବା ସହ ଏଥିରେ ପ୍ରାୟ ୧୫୦ ଶିଳ୍ପୀ ଯୋଗ ଦେଇଛନ୍ତି। ଏହି ମେଳାରେ ଖଟ, ସୋଫାସେଟ୍, ସମ୍ବଲପୁରୀ ବସ୍ତ୍ର, ବାରାଣସୀ ହ୍ୟାଣ୍ଡଲୁମ୍, ବ୍ରହ୍ମପୁର ଆଚାର, ପାମ୍ପଡ଼, କଟକ ଚାଟ୍, ଘରୋଇ ସାମଗ୍ରୀ, ଶୀତବସ୍ତ୍ର, ରାୟପୁର କାର୍ପେଟ୍‌ର ପସରା ପଡ଼ିଛି। ସେହିପରି ପୁରୀର ପଟ୍ଟଚିତ୍ର, ତାଳପତ୍ର ଓ ଟସର କାମ, ମାଣିଆବନ୍ଧ, ସୋନପୁରର ପାଟଶାଢ଼ି, ପୋଷାକ, କଲିକତାର ଫୁଲ, ଲାଖଚୁଡ଼ି, ଗୁଜରାଟର ଡ୍ରେସ୍, ଜାମ୍ମୁ କଶ୍ମୀର ଶାଢ଼ି ସହ ଡ୍ରେସ୍ ଓ ଦୁପଟ୍ଟା, ସାହାରନପୁରର ଗହଣା, ରାଜସ୍ଥାନର ବେଡ୍‌ସିଟ୍, ଡୋରକାଫର ସୋଫାସେଟ୍, ମହାରାଷ୍ଟ୍ରର ଗହଣାକାମ, ମିରଟର ଖଦିକାମ, ସୁରଟର ଶାଢ଼ି, ୧୦ ରାଜ୍ୟର ହସ୍ତଶିଳ୍ପ ପ୍ରଦର୍ଶିତ ହେଉଛି। ଏହାସହ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ମେଳା ଉପଭୋଗ କରିବା ପାଇଁ ଦାମନଯୋଡ଼ି, ପଟ୍ଟାଙ୍ଗି, ହାଲ୍ ସହର, ଏଇଏଫ୍ ସେମିଲିଗୁଡ଼ା ସହ ଆଖପାଖ ଅଞ୍ଚଳର ଲୋକେ ପହଞ୍ଚୁଛନ୍ତି। ଅରୂପାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ସାହୁଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଚାଲିଛି।

### ଶିଶୁର ମୁଣ୍ଡବିହୀନ ମୃତଦେହ ଠାବ

**ରାୟଗଡ଼ା ଅଫିସ ,୧୨।୧୧:** ରାୟଗଡ଼ା ସହର ଜଗନ୍ନାଥ ମନ୍ଦିର ନିକଟସ୍ଥ ଗୁର୍ଖା ସାହି ନିକଟରେ ଜଣେ ନବଜାତ ଶିଶୁପୁତ୍ରର ମୃତଦେହ ଠାବ ହୋଇଛି । ଶିଶୁଟିର ମୁଣ୍ଡ ନ ଥିବା ଜଣାଯାଇଛି । ଉକ୍ତ ଶିଶୁ ଦେହରେ ଏକ ହସ୍ପିଟାଲ ଟ୍ୟାଗ୍ ଲାଗିଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ ଟାବେଳେ ସ୍ଥାନୀୟ କେତେ ଜଣ ଲୋକ ଶିଶୁଟିର ମୃତଦେହ ନଦୀକୁ ଯିବା ରାସ୍ତା କଡ଼ରେ ପଡ଼ିଥିବା ଦେଖିବାକୁ ପାଇଥିଲେ। କିଛି ସମୟ ପରେ କୁକୁର କିମ୍ବା ଅନ୍ୟ କୌଣସି ବନ୍ୟଜନ୍ତୁ ମୃତଦେହକୁ ଉଠାଇ ନେଇଯାଇଛନ୍ତି । ଏହି ମୃତଦେହ କେଉଁଠୁ ଆସିଲା, ସେନେଇ କୌଣସି ସୂଚନା ମିଳିନାହିଁ।

■ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଜେକେପୁର,୧୨।୧୧(ଡି.ଏନ୍.ଏ.)**

ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ୧୧ଟି ବ୍ଲକରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳ, ଝାଡୁଦାରମାନେ ଏହି ବୈଠକରେ ଯୋଗଦେଇଥିଲେ । ବର୍ଷ ବର୍ଷ ଧରି ମାସିକ ୫ହଜାର, ୧୦ହଜାର ଓ ୧୫ହଜାର ଟଙ୍କା ମାସିକ ପାରିଶ୍ରମିକ ପାଇଁ ସରପଞ୍ଚଙ୍କ ମର୍ଜିରେ ଗୋତି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବଡ଼ ଦୁଃଖ ଓ ପରିତାପର ବିଷୟ ବୋଲି ଆଲୋଚନା ହୋଇଥିଲା । ସବୁ ସରକାରୀ କର୍ମଚାରୀଙ୍କ ଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖଟୁଥିଲେ ମଧ୍ୟ ଉଚିତ ମଜୁରି ପାଇପାରୁ ନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି ବୈଠକରେ ଉପସ୍ଥିତ ସମସ୍ତ କର୍ମଚାରୀ ଅଭିଯୋଗ କରିଥିଲେ । ଏହି ସଂଘରେ ୧୧ଟି ବ୍ଲକର ୧୮୨ ଗ୍ରାମପଞ୍ଚାୟତର ୨୩୭ ଜଣ କର୍ମଚାରୀ ଅଛନ୍ତି । ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ଚଳାଇବେ ବୋଲି ଚେତାବନୀ ଦେଇଛନ୍ତି ।



ବୈଠକରେ ଯୋଗ ଦେଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ।

# ୫୯ ଘନଫୁଟ ଶାଳକାଠ ଜବତ

**ବୁଗୁଡ଼ା,୧୨।୧୧(ଡି.ଏନ.ଏ.)**

ବୁଗୁଡ଼ା ବନାଞ୍ଚଳ ବି.କରଡାବାଡ଼ି ନିକଟସ୍ଥ ବାଘୁଆ ନଦୀ କୂଳ ଆମ୍ବତୋଟାରେ ସୋମବାର ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରି ୫୯ ଘନଫୁଟ ଶାଳକାଠ ସହ ଗୋଟିଏ କରତ ଜବତ କରିଛନ୍ତି। ଅଭିଯୁକ୍ତ ଫେରାର ଅଛନ୍ତି । ବାଘୁଆ ନଦୀ କୂଳ ଏକ ଆମ୍ବତୋଟାରେ ୪ ଜଣ କାଠ କଟାଳି କରତ ସାହାଯ୍ୟରେ ସନ୍ଧ୍ୟା ୭ଟାରେ କାଠ କାଟୁଥିବା ବେଳେ ଖବର ପାଇ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନେତୃତ୍ୱରେ ମାଣିତରା ବନପାଳ ସରସ୍ୱତୀ ନାୟକ, ଭଗବାନପୁର ବନପାଳ ଭୋଳେଶ୍ୱର ମଳିକ, ବନରକ୍ଷୀ ମଧୁସ୍ମିତା ଉପାଧ୍ୟାୟ ପ୍ରମୁଖ କର୍ମଚାରୀମାନେ କାଠ ଓ ଗୋଟିଏ କରତ ଜବତ କରିଥିଲେ।

# ଅଦ୍ୱୈତ ବେଦାନ୍ତ ଆଶ୍ରମର ବାର୍ଷିକ ଉତ୍ସବ

**ଗୁଣପୁର,୧୨।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହର କରାବାଙ୍କସ୍ଥିତ ଅଦ୍ୱୈତ ବେଦାନ୍ତ ଆଶ୍ରମର ୩୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କାର୍ତ୍ତିକ ମାସ ବ୍ୟାପୀ ଅନ୍ନ,ଘୃତ ଯଜ୍ଞ ସହ ନାମସଂକୀର୍ତ୍ତନ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋମ ହୋଇଥିଲା। ଆଶ୍ରମ ମୁଖ୍ୟ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା । କମିଟି ସମସ୍ତ ସଦସ୍ୟ ଏବଂ ଆଶ୍ରମର ଶୁଭେଚ୍ଛୁମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆଶ୍ରମ ପରିସରରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଗାୟତ୍ରୀ, ଶଙ୍କରାଚାର୍ଯ୍ୟ, ବିଷ୍ଣୁ ମନ୍ଦିରକୁ ଯାଇ ଭକ୍ତମାନେ ଦର୍ଶନ କରିଥିଲେ ।



ଅଦ୍ୱୈତ ବେଦାନ୍ତ ଆଶ୍ରମର ବାର୍ଷିକ ଉତ୍ସବ ଅବସରରେ ଯଜ୍ଞ କରାଯାଉଛି।

# ବୋଇତ ବନ୍ଦାଇଲେ ଶ୍ରଦ୍ଧାଳୁ

**ଗୁଣପୁର/ଟିକିରି, ୧୨।୧୧(ଡି.ଏନ.ଏ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାୟଗଡା ଜିଲା ଗୁଣପୁରସ୍ଥିତ ବଂଶଧାରା ନଦୀରେ ଶ୍ରଦ୍ଧାଳୁ ଡ଼ଙ୍ଗା ଭସାଇଛନ୍ତି । ପରେ ବିଷ୍ଣୁ ଏବଂ ଶିବମନ୍ଦିର ବୁଲି ଠାକୁରଙ୍କ ଦର୍ଶନ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ସୁବିଧା ଦୃଷ୍ଟିରୁ ପୌର ପ୍ରଶାସନ ପକ୍ଷରୁ ନଦୀ କୂଳରେ ଆଲୋକ ବ୍ୟବସ୍ଥା କରାଯାଇଥିଲା । ଏଥିସହ ପୋଲିସ ଏବଂ ଅଗ୍ନିଶମବିଭାଗକୁ ନିୟୋଜିତ କରାଯାଇଥିଲା । ସେହିପରି କାଶୀପୁର ବ୍ଲକର ବିଭିନ୍ନ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ଭସାଣ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକର ଦୁଡୁକାବାହାଲ, ଟିକିରି, ଗୋକୁଳମୁଣ୍ଡା, ପୋଡାଦାଡି, ଶଙ୍କରଡା, ଡଙ୍ଗାସିଲ ଭଳି ଅନେକ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ଭସାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦୁଡୁକାବାହାଲ, ପାତାଳଶ୍ୱର ଶିବମନ୍ଦିର, ଟିକିରି ଜଗନ୍ନାଥ ମନ୍ଦିର, କାଶୀବିଶ୍ୱନାଥ ଶିବ ମନ୍ଦିର, ଧୋଡାପାଡି ଧବଳେଶ୍ୱର ଶିବମନ୍ଦିରରେ ଭୋରରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତମାନେ ପ୍ରଥମେ ଟିକିରି ଜଗନ୍ନାଥ ମନ୍ଦିର ପାଖରେ ଥିବା ବଡ ପୋଖରୀରେ ଡ଼ଙ୍ଗା ଭସାଇଥିଲେ । ପରେ ଜଗନ୍ନାଥ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।



ମୁନିଗୁଡାରେ ମହିଳା ଓ ପୁରୁଷମାନେ ଡ଼ଙ୍ଗା ଭସାଇବା ପାଇଁ ପୂଜାର୍ଚ୍ଚନା କରୁଛନ୍ତି।

## ଏଟିଏମରେ ନାହିଁ ଟଙ୍କା, ଲୋକେ ହନ୍ତସନ୍ତ

**ଜେକେପୁର, ୧୨।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଜେକେପୁରଠାରେ ଥିବା ଏଟିଏମ୍‌ରେ ଟଙ୍କା ନାହିଁ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ଲୋକସଂଖ୍ୟା ପାଖାପାଖି ୨୨୦୦ ହୋଇଥିବା ବେଳେ ଏଠାରେ ଆବଶ୍ୟକ ମୁତାବକ ଏଟିଏମ୍ ନାହିଁ । ସ୍ଥାନୀୟ ଅଞ୍ଚଳରେ ଆଇଓବିର ଗୋଟିଏ, ଏସ୍‌ବିଆଇର ୨ଟି ଏଟିଏମ୍ ରହିଛି । ହେଲେ ଏଠାରେ ଅଧିକାଂଶ ସମୟ ଟଙ୍କା ରହୁ ନାହିଁ । ୬ ମାସ ତଳେ ଏସ୍‌ବିଆଇର ଏକ ଏଟିଏମ୍‌ରୁ ଚୋରି ହୋଇଥିବାରୁ ତାହା ପ୍ରାୟତଃ ବନ୍ଦ ରହୁଛି। ସେହିଭଳି ଷ୍ଟେଟ୍‌ବ୍ୟାଙ୍କ ନିକଟରେ ଏଟିଏମ୍ କାଉଣ୍ଟରର ଇ-କର୍ନର ପଏଣ୍ଟ, ଟଙ୍କା ଟ୍ରାନ୍ସପୋର୍ଟ ମେଶିନ୍, ସ୍ୱାଇପ୍ ମେଶିନ୍ ପ୍ରାୟତଃ ଅଚଳ ରହୁଛି। ବିସି ରୋଡ୍‌ରେ ଥିବା ଆକ୍ସିସ୍ ଏଟିଏମ୍ ଆଜକୁ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡିରହିଛି। ନିକଟସ୍ଥ ଏମ୍‌ଆଇଟିଏସ୍ କଲେଜଠାରେ ପଞ୍ଜାବ ବ୍ୟାଙ୍କର ଏକ ଏଟିଏମ୍ କାଉଣ୍ଟରର ମଧ୍ୟ ସମାନ ଅବସ୍ଥା । ବିଶେଷକରି ସହରରେ ଜେକେ କମ୍ପାନୀର କର୍ମଚାରୀଙ୍କ ଦରମା ମାସର ୧ରୁ ୧୦ ତାରିଖ ମଧରେ ହୋଇଥାଏ । ତେଣୁ ଏହି ସମୟରେ ହିଁ ଏଟିଏମ୍ କାଉଣ୍ଟର ଗୁଡିକରେ ଏପରି ଅଚଳାବସ୍ଥା ହେତୁ ଜେକେପୁରବାସୀ ବିଶେଷ ଅସୁବିଧା ଭୋଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ମୁନିଗୁଡ଼ାରେ କୱାଲି କାର୍ଯ୍ୟକ୍ରମ

**ମୁନିଗୁଡା,୧୨।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା ମୁନିଗୁଡା ଜାମା ମସ୍‌ଜିଦ ସଂଘ ତରଫରୁ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟ ପଡିଆରେ କୱାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାଗପୁରସ୍ଥିତ ପ୍ରସିଦ୍ଧ କୱାଲି ଗାୟକ ହବିବ ଅଜମେର ଯୋଗଦେଇ କୱାଲି ଗାନ କରିଥିଲେ । ତାଙ୍କୁ ଆବାଦ ହୁସେନ,ରାଇସ କାଦିର ପ୍ରକାଶ ୱାଙ୍କେଡେ ଓ ଅନ୍ୟ ଗିଟାରିଷ୍ଟ, ତବଲା ବାଦକମାନେ ସହଯୋଗ କରିଥିଲେ । ପ୍ରଥମ ଥର ପାଇଁ ମୁନିଗୁଡା ସହରରେ କୱାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ମୁନିଗୁଡାବାସୀଙ୍କ ସହ ଆଖ ପାଖ ଅଞ୍ଚଳରୁ ମଧ ବହୁ ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା । ଏହି କାର୍ଯ୍ୟକ୍ରମକୁ ଜାମା ମସ୍‌ଜିଦ ସଂଘ ସଭାପତି ମହମ୍ମଦ ଆୟୁବ, ଉପ ସଭାପତି ଅବଦୁଲ ରେହେମାନ, ଯୁବକ ସଂଘର ଶେଖ ଶାହରୁଖ, ଶେଖ ୱାସିମ, ଶେଖ ନସିମ, ମହମ୍ମଦ ଅନିଶ, ରାଜ, ମୋଇନ, ଅବଦୁଲ ଶାହରୁଖ,କୟୁମ ଓ ଇମୁ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ମାନେ ପରିଚାଳନା ଓ ସହଯୋଗ କରିଥିଲେ ।




କଳାକାରମାନେ କୱାଲି ପରିବେଷଣ କରୁଛନ୍ତି।

# ପରବ ପାଇଁ ସାଂସ୍କୃତିକ ପ୍ରତିଯୋଗିତା

**କୋରାପୁଟ,୧୨।୧୧(ସ୍ୱ.ପ୍ର.)**

କୋରାପୁଟସ୍ଥିତ ସଂସ୍କୃତି ଭବନରେ ମଙ୍ଗଳବାର ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଡିଆରଡିଏ ପିଡି ପ୍ରବୀର ନାୟକ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍ସାନୀ ଯୋଗଦେଇ ପରବ ମାଧ୍ୟମରେ ଲୁକ୍କାୟିତ ସାଂସ୍କୃତିକ ପ୍ରତିଭା ଲୋକଲୋଚନକୁ ଆଣି ବିକଶିତ ଓ ସଂରକ୍ଷିତ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ସହ ବିଭିନ୍ନ ଏକକ ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ଦେଖିବା ପାଇଁ ଶତାଧିକ ଦର୍ଶକ ଉପସ୍ଥିତ ଥିଲେ। ବୁଧବାର ଏହି ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ ହେବା ସହ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ପ୍ରକାଶ କରିଥିଲେ । କୋରାପୁଟ ସଂସ୍କୃତି ପରିଷଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତା କାମ ନିମ୍ନମାନର ଅଭିଯୋଗ

**ନନ୍ଦପୁର,୧୨।୧୧(ଡି.ଏନ.ଏ)**



କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ଛକକୁ ସଂଯୋଗ କରୁଥିବା ରାସ୍ତା କାମ ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ରାସ୍ତା ଏବଂ ଗୃହ ବିଭାଗ ଦ୍ୱାରା ଏହି ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି । ଚିପ୍ସ ଓ ବାଲିରେ ନିମ୍ନ ମାନର ସିମେଣ୍ଟ ବ୍ୟବହାର କରାଯାଉଛି । ଏଥିସହ ପଥରଗୁଣ୍ଡ ମିଶାଇ ରାସ୍ତା ନିର୍ମାଣ କରାଯାଉଛି । ଯାହା ନିର୍ମାଣର କିଛି ଦିନ ମଧ୍ୟରେ ସେଥିରୁ ଗୁଣ୍ଡ ବାହାରି ଚିପ୍ସ ଉଠି ଯାଉଛି । ଏପରି ଭାବେ ନିମ୍ନମାନର କାମ କରି ଠିକାଦାର ମାଲାମାଲ ହେଉଛନ୍ତି । ସେହିପରି ସାତସିମିଳି ଗ୍ରାମରେ ହୋଇଥିବା ଡ୍ରେନ କାମରେ ମଧ ନିମ୍ନମାନର ସିମେଣ୍ଟରେ କ୍ରଶରର ପଥର ଗୁଣ୍ଡ ମିଶାଇ ନିର୍ମାଣ କରାଯାଇଛି । ସମ୍ପୃକ୍ତ ଠିକାଦାର ସଂସ୍ଥା ଏପରି ନିମ୍ନମାନର କାମ କରୁଥିଲେ ମଧ ବିଭାଗୀୟ ଅଧିକାରୀମାନେ ଚୁପ୍ ରହୁଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଥୁବା ଏବଂ ସାତସିମିଳି ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ କନିଷ୍ଠ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେଶ୍ରାଙ୍କୁ ପଚାରିବାରୁ, ରାସ୍ତା କାମରେ ଏପରି ପଥର ଗୁଣ୍ଡ ମିଶ୍ରଣ କରିବା ନିର୍ଦ୍ଦେଶ ନାହିଁ । ଯଦି କରୁଛନ୍ତି ତାହାହେଲେ ମୁଁ ବୁଧବାର କାମସ୍ଥଳକୁ ଯାଇ ତଦାରଖ କରିବି । ତାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ସିୱାଇଏ ଦଳ ଚାମ୍ପିୟନ

**ଜୟପୁର,୧୨।୧୧(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁରଠାରେ ଚାଲିଥିବା ସିନୋଇ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଖ୍ରୀଷ୍ଟିଆନ ୟୁଥ ଆସୋସିଏଶନ (ସିୱାଇଏ) ଦଳ ଓ ନବରଙ୍ଗପୁର ଜିଲା ମାଝିଗୁଡା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସିୱାଇଏ ଦଳ ମାଝିଗୁଡ଼ା ଦଳକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି । ସିୱାଇଏ ଦଳର ପ୍ରଭାତ ନାଗ ଗୋଲ ଦେଇ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ମାଝିଗୁଡା ଦଳକୁ ପରାସ୍ତ କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ସେହିପରି ଜେଇଏଲସିର ବିଶପ ରେଭ୍ ଆଶିଷ ପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପବିଜେତା ଦଳକୁ ଟ୍ରଫି ସହିତ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଗୋଲ ଦେଇଥିବା ଖେଳାଳି ପ୍ରଭାତଙ୍କୁ ବିଧାୟକ ସ୍ୱତନ୍ତ୍ର ଭାବେ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଗତ ସୋମବାର କ୍ୱାର୍ଟର ଫାଇନାଲରେ ବୋରିଗୁମ୍ମା ଦଳ ମଣ୍ଡିପୁଟକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଥିଲା । ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଜୟପୁର ସିୱାଇଏ ଦଳ ୧-୦ରେ ଲକ୍ଷ୍ମୀପୁର ଦଳକୁ, ଜଗଦଲପୁର ଦଳ ୨-୧ରେ ହାଡ଼ାଗୁଡା ଏବଂ ମାଝିଗୁଡା ଦଳ ୨-୧ରେ ଦାମନଯୋଡିକୁ ହରାଇ ସେମିଫାଇନାଲରେ ପହଞ୍ଚିଥିଲା । ପ୍ରଥମ ସେମିଫାଇନାଲରେ ସିୱାଇ ଦଳ ବୋରିଗୁମ୍ମାକୁ ୧-୦ରେ ଏବଂ ଦ୍ୱିତୀୟ ସେମିଫାଇନାଲରେ ସମୟ ଅଭାବରୁ ଜଗଦଲପୁର ଦଳ ଫେରିଯାଇଥିବା ଯୋଗୁ ମାଝିଗୁଡା ଦଳ ଫାଇନାଲରେ ପହଞ୍ଚିଥିଲେ । ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଯୋଗଦେବେ ବୋଲି ପରିଚାଳନା କମିଟି ପକ୍ଷରୁ ଜଣାଯାଇଛି । ଏହି ଅବସରରେ ତାମିଲନାଡୁ ରାଜ୍ୟ ଦଳର କୋଚ ଆଣ୍ଟନି ଏବଂ ସହକାରୀ କୋଚ ଏଡିମିନଙ୍କ ପକ୍ଷରୁ ଫୁଟବଲରେ ବିଭିନ୍ନ କୌଶଳ ଦେଖାଇବା ସହିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ ହିଆଲ, ପ୍ରଫୁଲ୍ଲ ଭଦ୍ରା, ନରେନ୍ଦ୍ର ମହାନ୍ତି, ଲିଭିଙ୍ଗଷ୍ଟୋନ ଖୋସ୍ଲା, ବାବି ଜୋନ ସ୍ମିଥ, ଉଜ୍ଜୟିନୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାୟଗଡ଼ା ପିଏଚଡ଼ି ଶିବ ମନ୍ଦିରରେ ମହିଳାଙ୍କ ଭିଡ଼ ।



ପୁରୁଷ ଓ ମହିଳାମାନେ ନାଗାବଳୀ ନଦୀରେ ଡ଼ଙ୍ଗା ଭସାଉଛନ୍ତି ।



ବାଲୁଙ୍କେଶ୍ୱର ମନ୍ଦିରରେ ସଂକୀର୍ତ୍ତନ କରାଯାଉଛି ।

## ସଂକ୍ଷେପରେ

### ଅଲଡ଼ାରେ ନାମ ସଂକୀର୍ତ୍ତନ

**କାଶୀନଗର, ୧୨।୧୧(ଡି.ଏନ୍.ଏ.)-** କାଶୀନଗର ବ୍ଲକ ଅଲଦା ଗାଁରେ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଅଷ୍ଟପ୍ରହରର ନାମ ସଂକୀର୍ତ୍ତନ ଓ ଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଆନ୍ଧ୍ରର ବଳଦା, କାତୁମୁ ଉପାନ୍ତ ଅଞ୍ଚଳର ଗାଇବା, ନାବାଡ଼ା, ସାରା, ରାୟଗଡ଼ା ଜିଲା କୋଲନରା ଆଦି ସ୍ଥାନରୁ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଅଲଡ଼ାର ପୂର୍ବତନ ସରପଞ୍ଚ ନରସିଂହ ମହାକୁଡ଼, ସର୍ବେଶ୍ୱର କୀର୍ତ୍ତନ ମଣ୍ଡଳୀର ସତ୍ୟନାରାୟଣ ମହାକୁଡ଼, ଜଗନ୍ନାଥ କାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### କାର ଦୁର୍ଘଟଣାଗ୍ରସ୍ତ

**ଭଞ୍ଜନଗର,୧୨।୧୧(ଡି.ଏନ.ଏ)-** ଭଞ୍ଜନଗର ଗାଲେରୀ ମୁଖ୍ୟ ରାସ୍ତାର କମଳାବାରି ତୋଟାଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ଅଗଝୋଳର ବିଟୁନ ପ୍ରଧାନ, ମରାଠି ପ୍ରଧାନ ପ୍ରମୁଖ ଏକ କାର ଯୋଗେ ଗାଲେରୀ ମନ୍ଦିରକୁ ଯାଇଥିଲେ। ଅପରାହ୍ନରେ ଭଞ୍ଜନଗର ଫେରୁଥିବାବେଳେ କମଳାବାରି ତୋଟାରେ ଚାଳକ ଭାରସାମ୍ୟ ହରାଇବାରୁ କାରଟି ଏକ ଗଛରେ ପିଟି ହୋଇଯାଇଥିଲା। ଆହତମାନଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଛି।

### ୬ ଶିଶୁ ମୃତ ଘଟଣା
### ଜିଲା ପ୍ରଶାସନ ତତ୍ପର,ଗ୍ରାମରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର



**କାଲିମେଲା,୧୨।୧୧(ଡି.ଏନ.ଏ.)-** ଅଜଣା ରୋଗରେ ୬ ଶିଶୁ ମୃତ୍ୟୁ ଘଟଣାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର କାଲିମେଲା ବ୍ଲକ ଟିଗଲ ପଞ୍ଚାୟତର ତାମନପାଲି ଗ୍ରାମରେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। କୋରାପୁଟରୁ ଆସିଥିବା ସ୍ୱତନ୍ତ୍ର ମେଡିକାଲ ଟିମ୍ ସଂଗୃହୀତ ରକ୍ତ ଓ କଫ ପରୀକ୍ଷା କରିବା ପରେ ଏହା ବ୍ରଙ୍କୋ ନିମୋନିଆ ରୋଗ ବୋଲି ଜଣାପଡିଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଶିବିରରେ ଗ୍ରାମରେ ଥିବା ସବୁ ନବଜାତ ଶିଶୁ ଓ ମାଆମାନଙ୍କ ରକ୍ତ ପରୀକ୍ଷା କରାଯାଇଛି। ଆବଶ୍ୟକୀୟ ଔଷଧ ମଧ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ, ବିଡିଓ ଉମା ଶଙ୍କର ଦଳାଇ, ପୋଲିସ ପ୍ରଶାସନ,ଏସଡିପିଓ , ବ୍ଲକ ଅଧକ୍ଷ ମାଲା ମାଢି, ସିଡିପିଓ ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। କୋରାପୁଟ ମେଡିକାଲ କଲେଜରୁ ଆସିଥିବା ବିଶେଷଜ୍ଞ ଡାକ୍ତରୀଦଳ ଓ କାଲିମେଲା ଡାକ୍ତରଖାନାର ଶକ୍ତି ପ୍ରସାଦ ସାହୁ ଗ୍ରାମରେ ଶିଶୁମାନଙ୍କ ଚିକିତ୍ସା ଚଳାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଡା.ଅଜୟ କୁମାର ବୈଠାରୁ ମଧ ଗ୍ରାମରେ ରହି ସ୍ଥିତି ସମୀକ୍ଷା କରିଛନ୍ତି। ଗ୍ରାମରେ ଡିଡିଟି ଛିଞ୍ଚନ କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଇଛି।

# ଜଳାଶୟରେ ଡଙ୍ଗାଭସା,ଠାକୁର ଦର୍ଶନରେ କାର୍ତ୍ତିକ ସରିଲା



ଏମଭି-୭୯ ଅଞ୍ଚଳରେ କଳସ ସ୍ଥାପନ କରାଯାଇଛି ।



ମାଥିଲିରେ ଯଜ୍ଞ ପୂଜାର୍ଚ୍ଚନା ଚାଲିଛି ।

- ସାଧବ ପୁଅଙ୍କ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଲେ
- ତାରକେଶ୍ୱର ମନ୍ଦିର ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ
- ଶ୍ରଦ୍ଧାଳୁଙ୍କ କଳସଯାତ୍ରା ଆଣିଲା ଆଧାତ୍ମିକ ପରିବେଶ

**ଏମଭି-୭୯/ମାଥିଲି/ ଚିତ୍ରକୋଣ୍ଡା, ୧୨।୧୧(ଡି.ଏନ.ଏ.)**

ମଙ୍ଗଳବାର ଥିଲା ପବିତ୍ର କାର୍ତ୍ତିକ ପୂର୍ଣ୍ଣମା। ଆ କା ମା ବୈ, ପାନଗୁଆ ଥୋଇ, ପାନ ଗୁଆ ତୋ'ର.. ମାସକ ଧରମ ମୋର ଏଇ ଗୀତର ଗୁଞ୍ଜରଣରେ ପୂରି ଉଠିଥିଲା ଆଖପାଖ ପରିବେଶ। ବୋଇତ ଭସାଇ ଧର୍ମ ଅର୍ଜନ ପାଇଁ ଶୀତୁଆ ପାହାନ୍ତି ସକାଳରେ ବିଭିନ୍ନ ଜଳାଶୟ ନିକଟରେ ଲାଗିଥିଲା ଲୋକଙ୍କ ଭିଡ଼। ଲୋକେ ସାଧବ ପୁଅଙ୍କ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ବିଭିନ୍ନ ପୋଖରୀ, ନଦୀ, ନାଳରେ ଭସାଇଥିଲେ ବିଭିନ୍ନ କିସମର ଡଙ୍ଗା। ମାଲକାନଗିରି ଜିଲା ଏମଭି-୭୯ ଅଞ୍ଚଳରେ ମଧ ଦେଖିବାକୁ ମିଳିଥିଲା ଏହି ଦୃଶ୍ୟ। କେହି ହାତ ତିଆରି ଡଙ୍ଗା ତ ଆଉ କେହି ଆକର୍ଷଣୀୟ ବୋଇତ ପରି ଡଙ୍ଗା ଭସାଇ କାର୍ତ୍ତିକ ମାସକୁ ବିଦାୟ ଜଣାଇଛନ୍ତି। ଡଙ୍ଗା ଭସାଇସାରି ଲୋକେ ବିଭିନ୍ନ ଦେବାଳୟରେ ଭିଡ ଜମାଇଥିଲେ। ଠାକୁର ଦର୍ଶନ କରି ପରିବାରର ମଙ୍ଗଳ ମନାସିଥିଲେ। ଏମଭି ୭୯ ତାରକେଶ୍ୱର ଶିବ ମନ୍ଦିରରେ ମଧ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏଠାରେ ମଙ୍ଗଳବାର ଆରମ୍ଭ ହୋଇଛି ଅଷ୍ଟପହର ଓ ନାମ ସଙ୍କୀର୍ତ୍ତନ। ପୁରୋହିତ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ନାମଯଜ୍ଞ ପାଇଁ ପଟେରୁ ଜଳସେଚନ ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ସୁମନ୍ତ କୁମାର ପ୍ରଧାନ, ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଏବଂ ସ୍ଥାନୀୟ ଯୁବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି କଳସ ଶୋଭାଯାତ୍ରା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାକୁ ଏମଭି-୭୯ ସମେତ ଏହାର ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। କନିଷ୍ଠଯନ୍ତ୍ରୀ ପବିତ୍ର ବାଗ ଓ ରୋହନ ସିଂହ ସହଯୋଗ କରୁଛନ୍ତି।

ମାଥିଲି ବ୍ଲକ ଅନ୍ତର୍ଗତ ପଲାରିପଦର ଗ୍ରାମରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାଣ ଉତ୍ସବ ଅବସରରେ ବୁଦ୍ରା ଗୌଡଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ଏହି ନାମଯଜ୍ଞ ଆୟୋଜିତ ହୋଇଥିଲା। କୋରାପୁଟ ଅଞ୍ଚଳର ମସିଆଗୁଡା, କାଉଡିଆଗୁଡା, ପାରାବାଡି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ପ୍ରଥମେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ନାଳରୁ ପାଣି ସଂଗ୍ରହ କରିଥିଲେ। ପରେ ସନ୍ଧ୍ୟାରେ ଯଜ୍ଞ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁର୍ଦ୍ଦି ଗୌଡ, ଶୁକ୍ରା କପେ, ସନ୍ନ୍ୟାସୀ ଗୌଡ, ଧନ ନାୟକ, ଅର୍ଜୁନ ନାୟକ, ରଘୁ ନାୟକ, ଭୀମ ପାତ୍ର, ରଘୁନାଥ ନାଗ ପ୍ରମୁଖ ସହଯୋଗ କରିଥିଲେ।

ଚିତ୍ରକୋଣ୍ଡା ଅଞ୍ଚଳ କାର୍ତ୍ତିକ ପୂର୍ଣ୍ଣମା ପାଇଁ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ଅପରେଟ କଲୋନୀ ଶିବ ମନ୍ଦିର, ଟନେଲକ୍ୟାମ୍ପ ଶିବ ମନ୍ଦିର ସହ ଅନ୍ୟ ସମସ୍ତ ମନ୍ଦିରରେ ଅଷ୍ଟପ୍ରହର, ଚାରି ପ୍ରହର ନାମଯଜ୍ଞ ସହ କଳସ ଶୋଭାଯାତ୍ରା ଓ ନଗର ପରିକ୍ରମା ହୋଇଥିଲା। ଅଞ୍ଚଳବାସୀ ନିକଟସ୍ଥ ନଦୀ ଓ ପୋଖରୀରେ ବୋଇତ ବନ୍ଦାଣ କରି ବୋଇତ ଭସାଇ ଥିଲେ। ମନ୍ଦିରଗୁଡିକୁ ଯାଇ ଠାକୁର ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। କାର୍ତ୍ତିକ ମାସ ସାରା ଉପରୋକ୍ତ ମନ୍ଦିରଗୁଡିକରେ ପୂଜାର୍ଚ୍ଚନା, କାର୍ତ୍ତିକ ମହାତ୍ମ୍ୟ, ଗୀତ ପାଠ, ରାମାୟଣ ପାଠ ଓ ଭାଗବତ ପାଠ ଚାଲିଥିଲା। ବହୁ ଶ୍ରଦ୍ଧାଳୁ ମାସସାରା ହବିଷ ପାଳିଥିଲେ।

# ବୁଲିଲା ସଚେତନତା ରଥ
## ମାଣ୍ଡିଆ ଚାଷୀଙ୍କୁ କରିବ ସଚେତନ

**ପାରଳାଖେମୁଣ୍ଡି, ୧୨।୧୧ (ସ୍ୱ.ପ୍ର.)**



ପରିକ୍ରମା ପାଇଁ ବାହାରିଥିବା ସଚେତନତା ରଥ ।

ଗଜପତି ଜିଲା ଗୁମ୍ମା ବ୍ଲକ ତରଙ୍ଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ସି.ଡି., ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ଓଡିଶା ମିଲେଟ ମିଶନ ମିଳିତ ସହଯୋଗରେ ମାଣ୍ଡିଆ କ୍ରୟ ପାଇଁ ଏକ ଚାଷୀ ପଞ୍ଜୀକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ତରଙ୍ଗଡା ସରପଞ୍ଚ ସଞ୍ଜୁସ୍ମିତା ଗମାଙ୍ଗ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣାକର ଭୂୟାଁ, ଜିଲା ସଂଯୋଜକ ରଘୁନାଥ ସାହୁ, ସତ୍ୟନାରାୟଣ ପାତ୍ରଙ୍କ ସମେତ ସି.ସି.ଡିର କର୍ମଚାରୀମାନେ ଏହାର ଶୁଭାରମ୍ଭ କରିଥିଲେ। ଚାଷୀମାନେ ମାଣ୍ଡିଆକୁ ଯେପରି ଉଚିତ ମୂଲ୍ୟରେ କିଣି ପାରିବେ, ସେଥିପାଇଁ ଏହି ଯୋଜନା କରାଯାଇଛି। ଚାଷୀମାନେ ଲ୍ୟାମ୍ପସରେ ନାମ ପଞ୍ଜୀକରଣ କରିବେ। ଏହି ମାଣ୍ଡିଆର ସଠିକ ମାନ ନିର୍ଦ୍ଧାରଣ କରାଯିବାପରେ ବସ୍ତା ପିଛା ୩ହଜାର ୧୫୦ଟଙ୍କା ଦରରେ ଟି.ଡି.ସି.ସି. ଏହାକୁ କ୍ରୟ କରିବ। ଏହି ରଥ ଗୁମ୍ମା ବ୍ଲକରେ ଆଠ ଦିନ ଧରି ସଚେତନ କରିବ ବୋଲି ସୂଚନା ମିଳିଛି।

# କାର୍ତ୍ତିକପୂର୍ଣ୍ଣମୀରେ ଅଷ୍ଟପ୍ରହର ନାମଯଜ୍ଞ
## ସାମିଲ ହେଲେ ବିଧାୟକ

**ପାରଳାଖେମୁଣ୍ଡି,୧୨।୧୧ (ସ୍ୱ.ପ୍ର.)**

କର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ନଡିଆତୋଟା ସାହି ଛକରେ ଅନୁଷ୍ଠିତ କାର୍ଯକ୍ରମରେ ସାମୁଟିଆ ସାହିର ଫୁଲସୁନ୍ଦରୀ କୀର୍ତ୍ତନ ମଣ୍ଡଳୀ, ମୁତ୍ୟାଲୁମା ସାହି, ତେଲି ଗୌଡ ସାହି, କଟିକିଆ ସାହିର ପଦ୍ମଖଣ୍ଡି ପ୍ରମୁଖ ମଣ୍ଡଳୀ ସାମିଲ ହୋଇ ସଂକୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବିଜୟ ପ୍ରଧାନ, ଅଭିମନ୍ୟୁ ପଣ୍ଡା, ନରେଶ ମହାରଣା, ଦୁର୍ଗା ପ୍ରସାଦ ବ୍ୟାୟମଶାଳାର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ସେହିଭଳି ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ପଞ୍ଚାୟତ ଅଧୀନ ମହାଦେଇପୁରରେ ଅନୁଷ୍ଠିତ ଅଷ୍ଟପ୍ରହର କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକେ ବିଧାୟକଙ୍କୁ ନିଜ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହି ସମୟରେ ବିଧାୟକଙ୍କ ସହ ପି.କ୍ରିଷ୍ଣା, ନୃସିଂହ ଚରଣ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଗୋଷାଣୀ ବ୍ଲକ ମହାଦେଇପୁରରେ ଅନୁଷ୍ଠିତ ଅଷ୍ଟପ୍ରହର କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ।

## ■ ଖବର ପ୍ରକାଶ ପରେ ଚଢାଉ
# ବିଦେଶୀ ମଦ ଜବତ, ଢ଼ାବା ମାଲିକ ଗିରଫ

**କୋରୁକୋଣ୍ଡା ୧୨।୧୧(ଡ଼ି.ଏନ.ଏ)**



ଜବତ ବିଦେଶୀ ମଦ।

ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ବାଲିମେଳା ଛକ ନିକଟବର୍ତ୍ତୀ ଅଞ୍ଚଳର ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ମଦ ବୋତଲ ପଡିଥିବା ନେଇ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଓରକେଲ ପୋଲିସ ତତ୍ପର ହୋଇଉଠିଛି। ଦିନ ୧୨ଟାରେ ପୋଲିସ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ୨ଟି ଢ଼ାବା ଉପରେ ଚଢ଼ାଉ କରିଛି। ବାଲିମେଳା ଛକ ନିକଟସ୍ଥ ଢ଼ାବାରୁ ପୋଲିସକୁ କିଛି ମିଳି ନ ଥିଲା। ପରେ ଫରେଷ୍ଟ ପାର୍କ ସମ୍ମୁଖରେ ଥିବା ଲକ୍ଷ୍ମୀ ନାରାୟଣ ଢ଼ାବା ଉପରେ ପୋଲିସ ଚଢ଼ାଉ କରିଥିଲା। ଉକ୍ତ ଢ଼ାବାରୁ ବିଭିନ୍ନ କିସମର ମଦ ଜବତ କରି ଢ଼ାବା ମାଲିକ ରାମକୃଷ୍ଣ ମଲ୍ଲିକ(୨୮)ଙ୍କୁ ଗିରଫ କରାଯାଇଛି। ଚଢାଉ ବେଳେ ୪୪ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ କ୍ରିଷ୍ଣାକାନ୍ତ ପ୍ରଧାନ କହିଛନ୍ତି। ଅପରାହ୍ନରେ ରାମକୃଷ୍ଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

# ଜୁଆ ଆଡ୍ଡାରେ ଚଢାଉ: ୮ ଗିରଫ

**ମାଲକାନଗିରି,୧୨।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ଥାନା ଅଞ୍ଚଳ ମାନ୍ଦାପାଲି ଗ୍ରାମରେ ସୋମବାର ରାତିରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ସେଠାରୁ ୮ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୨୨ହଜାର ୫୮୦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ରାମପ୍ରସାଦ ନାଗ କୌଣସି ସୂତ୍ରରୁ ମାନ୍ଦାପାଲି ଗ୍ରାମ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇଥିଲେ। ଏମାନଙ୍କୁ ଧରିବା ପାଇଁ ଗତରାତ୍ର ହିଁ ଏସ୍ଆଇ ରୁଦ୍ର ମାଧବ ମୁଦୁଲିଙ୍କ ନେତୃତ୍ୱରେ ପୋଲିସ ଜୁଆଆଡ୍ଡା ଉପରେ ଚଡାଉ କରିଥିଲା। ଖେଳ ସ୍ଥାନରୁ ୮ଜଣଙ୍କୁ ଗିରଫ କରାଯିବା ସହ ଟଙ୍କା, ୬ଟି ମୋବାଇଲ ଫୋନ ଏବଂ ଜୁଆଖେଳ ସାମଗ୍ରୀ ଜବତ କରାଯାଇଥିଲା। କେସ୍ ନଂ. ୩୦୧/୧୯, ଧାରା ୩ ଓପିଜି ଅନୁଯାୟୀ ସେମାନଙ୍କୁ କୋର୍ଟଚାଲାଣ କରା ଯାଇଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲାରେ ଆଭ୍ୟନ୍ତରୀଣ ଅଞ୍ଚଳରେ ବାହାର ରାଜ୍ୟର ଲୋକ ଆସି ଜୁଆ ଖେଳୁଥିବା ଜଣାପଡିଛି। ପୋଲିସ ସେମାନଙ୍କ ଉପରେ ନଜର ରଖିଛି।



# ଆ କା ମା ବୈ...ରେ କମ୍ପିଲା ମହେନ୍ଦ୍ରତନୟା

**ପାରଳାଖେମୁଣ୍ଡି,୧୨।୧୧ (ସ୍ୱ.ପ୍ର.)**



ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

ଗଜପତି ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରତନୟା ନଦୀତଟରେ ଓଡିଶା ଓ ଆନ୍ଧ୍ର ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ରହି ଡଙ୍ଗା ଭସାଇଥିଲେ। ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର କହି ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇଥିଲେ। ମହେନ୍ଦ୍ରତନୟା ନଦୀ କୂଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭୋରରୁ ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହେନ୍ଦ୍ରତନୟାରେ ବୁଡ ପକାଇବା ସହ ଡଙ୍ଗା ଭସାଇ ଥିଲେ। ଏହାପରେ ସେମାନେ ବିଭିନ୍ନ ମନ୍ଦିର ଓ ମଠକୁ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଠାକୁରଙ୍କ ଆଳତି ଦର୍ଶନ ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ତ୍ତିକଙ୍କ ମନ୍ଦିର ଓ କାର୍ତ୍ତିକ ପୂଜାମଣ୍ଡପରେ ଠାକୁର ଓ ଆଳତି ଦର୍ଶନ ପାଇଁ ମଧ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପାରଳାଖେମୁଣ୍ଡିର ଶ୍ରୀ ରାଧାକୃଷ୍ଣ ମଠ ସମେତ ବିଭିନ୍ନ ମନ୍ଦିରରେ ହରିନାମ ସଂକୀର୍ତ୍ତନ ତଥା ଅଷ୍ଟପ୍ରହର କାର୍ଯ୍ୟକ୍ରମ କରାଯାଇଥିଲା। ସମଗ୍ର ପାରଳାଖେମୁଣ୍ଡିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

# ଜାତୀୟ ଶିକ୍ଷା ଦିବସ ଅବସରରେ ଶୋଭାଯାତ୍ରା

**ଚିତ୍ରକୋଣ୍ଡା,୧୨।୧୧(ଡି.ଏନ.ଏ.)**

ଚିତ୍ରକୋଣ୍ଡାର ଟେମ୍ପରାରି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ସେଠୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ବିଦ୍ୟାଳୟଠାରୁ ବାହାରି ଟେମ୍ପରାରି କଲୋନୀ ଗ୍ରାମ ପରିକ୍ରମା କରି ଜାତୀୟ ଶିକ୍ଷା ଦିବସର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଜାତୀୟ ଶିକ୍ଷା ଦିବସ ଚିତ୍ରକୋଣ୍ଡା ଅଞ୍ଚଳର ପ୍ରତ୍ୟେକ ବିଦ୍ୟାଳୟ ୨୦୦୮ରୁ ପାଳନ କରି ଆସୁଛନ୍ତି। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବଦୁଲ କଲାମ ଆଜାଦଙ୍କ ଜୟନ୍ତୀକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି ।

# ଗ୍ରାମ ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

**କାଲିମେଳା,୧୨।୧୧(ଡି.ଏନ.ଏ.)**



ଭାଜପା ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ତାମନପାଲି ଗ୍ରାମରେ ଅଜଣା ରୋଗରେ ୬ ଶିଶୁଙ୍କ ମୃତ୍ୟୁ ଓ ୧୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହେବା ଘଟଣାରେ ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଏକ ପ୍ରତିନିଧି ଦଳ ତାମନପାଲି ଗ୍ରାମ ପରିଦର୍ଶନ କରିଛନ୍ତି। ଏହିଦଳ ଗ୍ରାମରେ ପହଞ୍ଚି ଆକ୍ରାନ୍ତ ଶିଶୁମାନଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲା ପରିଷଦ ଅଧକ୍ଷ ଦଶରଥ ମାଡକାମିଙ୍କ ନେତୃତ୍ୱରେ ବିଧାୟକ ପ୍ରତିନିଧି ନବଘନ ଲକେଇ, କାଲିମେଳା ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଜିଲା ପରିଷଦ ସଭ୍ୟ ଉତ୍ତମ ରାୟ, ସଭ୍ୟା ପ୍ରମିଳା ଦାସ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ହରିଶଙ୍କର ସମଜଦାର, କାଲିମେଳା ଯୁବ ସଭାପତି ଅବଧୂତ ଦୁର୍ଗା ପ୍ରସାଦ, ଆଡମା ମାଢି, ଫନି ଭୂଷଣ ଗୌସ୍ୱାମୀ,ଶିଶିର କୁମାର ହାଲଦାର, ସୁଧାଂଶୁ ବିଶ୍ୱାସ, ପ୍ରଦୀପ କୁମାର ହାଲଦାରଙ୍କ ସମେତ ଅନ୍ୟମାନେ ଗସ୍ତ କରିଥିଲେ। ଶିଶୁ ମୃତ୍ୟୁ ଘଟଣାକୁ ନେଇ ଜିଲା ପରିଷଦ ଅଧକ୍ଷ ପଡିଆମି ସିଧାସଳଖ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ସରକାର ମାଲକାନଗିରି ଜିଲା ଉପରେ ନଜର ଦେଉନାହାନ୍ତି। ଜିଲା ପ୍ରଶାସନ ବ୍ଲକ ସ୍ତରରେ ମଧ ଦୃଷ୍ଟି ଦେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କୁ ଭଲ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ସେମାନେ ଗୁଣିଗାରେଡି ଉପରେ ବିଶ୍ୱାସ କରୁଛନ୍ତି ବୋଲି ଉପସ୍ଥିତ ଅନ୍ୟ ମାନେ ପ୍ରକାଶ କରିଥିଲେ। ଜିଲାରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଶେଷଜ୍ଞ, ମେଡିସିନ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀ ପୂରଣ କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ପରେ ଏହି ଟିମ ଗ୍ରାମବାସୀଙ୍କ ସହ ଏକ ବୈଠକ କରିବା ସହ ଉପସ୍ଥିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ।

## ■ ଭୁଲ ଇଞ୍ଜେକ୍ସନ ଦ୍ୱାରା ଯୁବକଙ୍କ ମୃତ୍ୟୁ ଘଟଣା
# ଫେରାର ଥିବା ନକଲି ଡାକ୍ତର ଗିରଫ

**କାଲିମେଳା,୧୨।୧୧(ଡି.ଏନ.ଏ)-** ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଜଣେ ନକଲି ଡାକ୍ତରଙ୍କୁ କାଲିମେଳା ପୋଲିସ ଗିରଫ କରିଛି। ପକ୍ଷାଘାତ ରୋଗରେ ପୀଡିତ ଥିବା ଜଣେ ଯୁବକଙ୍କୁ ଭୁଲ ଇଞ୍ଜେକ୍ସନ ଦେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଗିରଫ କରାଯାଇଛି । ଏହି ଘଟଣା ଗତ ୮।୧୦।୧୯ରେ ଘଟିଥିଲା। ଏହାପରଠାରୁ ନକଲି ଡାକ୍ତର ଜଣକ ଫେରାର ଥିଲେ । ଗିରଫ ହୋଇଥିବା ନକଲି ଡାକ୍ତର ହେଲେ ସମର ମୈତ୍ର। କାଲିମେଳା ବ୍ଲକ ବଦିଲି ପଞ୍ଚାୟତ ଏମଭି-୪୧ ଗ୍ରାମରେ ତାଙ୍କ ଘର ବୋଲି ଜଣାପଡିଛି । ତାଙ୍କର ପ୍ରକୃତ ଘର ଜଗତସିଂହପୁର ଜିଲା ପାରାଦୀପ ଅଞ୍ଚଳରେ। ସେ ୫ ବର୍ଷ ହେବ ସେ ଏମଭି-୪୧ ଗ୍ରାମରେ ରହି ରୋଗୀ ସେବା କରୁଥିଲେ। ସମୀରଙ୍କ ନିକଟରେ କୌଣସି ଡାକ୍ତରୀ ପ୍ରମାଣପତ୍ର ନ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବରରୁ ପ୍ରକାଶ ପୁଲିମେଟଲା ଏମପିଭି-୬ ଗ୍ରାମର ମନି ବୈଦ୍ୟଙ୍କ ପୁଅ ସମୀର ବୈଦ୍ୟ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶର୍ଯ୍ୟାଶାୟୀ ଥିଲେ। ସମୀରଙ୍କୁ ବଡ ମେଡିକାଲ ନେବାକୁ ପରିବାର ଲୋକଙ୍କ ପାଖରେ ସମ୍ବଳ ନ ଥିଲା । ସେମାନେ ଏମଭି-୪୧ ଗ୍ରାମର ଉପରୋକ୍ତ କ୍ୱାକ ଡାକ୍ତର ଏସକେ ମିତ୍ରଙ୍କ ପାଖକୁ ନେଇ ଚିକିତ୍ସା କରୁଥିଲେ। କିଛି ଦିନ ପରେ କ୍ୱାକ ମନି ବୈଦ୍ୟଙ୍କୁ ଫୋନ କରି ତମ ପୁଅ ପାଇଁ ୨ଟି ଇଞ୍ଜେକ୍ସନ ଆଣିଛି। ସେହି ଇଞ୍ଜେକ୍ସନ ନେବା ପରେ ସମୀର ସମ୍ପୂର୍ଣ୍ଣ ଭଲ ହୋଇଯିବେ ବୋଲି କହିଥିଲେ। ପରିବାର ଲୋକେ ବିଶ୍ୱାସରେ ମିତ୍ରଙ୍କ ନିକଟକୁ ସମୀରଙ୍କୁ ନେଇଥିଲେ। ସେଠାରେ ଡାକ୍ତର ପ୍ରଥମେ ଗୋଟିଏ ଇଞ୍ଜେକ୍ସନ ଦେଇଥିଲେ । ଏହା ନେବାର କିଛି ସମୟ ପରେ ସମୀରଙ୍କ ଦେହ ଅଧିକ ଗୁରୁତର ହୋଇପଡିଥିଲା। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ସମୀରଙ୍କ ବାପା ପୋଟେରୁ ଫାଣ୍ଡିରେ ନକଲି ଡାକ୍ତରଙ୍କ ବିରୋଧରେ ଏତଲା ଦେଇଥିଲେ। ପୋଲିସ ୧୫୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନକଲି ଡାକ୍ତର ମିତ୍ର ଫେରାର ହୋଇଯାଇଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜଖୋଜି କରି ମାଲକାନଗିରି ଅଞ୍ଚଳର ଏକ ସ୍ଥାନରୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ସୋମନାଥ ଦଳବେହେରା କହିଛନ୍ତି।



ସମର ମୈତ୍ର ।



ନିଜର କର୍ମଫଳ ହେତୁ ଦାରିଦ୍ର୍ୟ, ରୋଗ, ଦୁଃଖ, ବନ୍ଧନ ଓ ବିପତ୍ତି ମିଳିଥାଏ। ତେଣୁ କରୁଥିବା କର୍ମ ପ୍ରତି ସର୍ବଦା ସଚେତନଶୀଳ ହେବା ଉଚିତ।

- ଚାଣକ୍ୟ



## ସଂକ୍ଷେପରେ

### କେନାଲରେ ବୁଡ଼ି ନାବାଳକ ମୃତ

ଜୟପୁର,୧୨।୧୧(ଡି.ଏନ୍.ଏ.): ଜୟପୁର ସହରର ପୁରୁଣାଗଡ଼ସ୍ଥିତ କୋଲାବ କେନାଲ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସ୍ଥାନୀୟ ପି. ରମେଶଙ୍କ ପୁଅ ତିରୁମଲ୍ଲା (୧୦)। ସ୍ଥାନୀୟ ରାମମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଥିଲା। ବିସର୍ଜନ କାର୍ଯ୍ୟକ୍ରମରେ ନାବାଳକ କେନାଲକୁ ଯାଇଥିଲେ। କିନ୍ତୁ ସେ କେନାଲରେ ପାଣିରେ ବୁଡ଼ିଯାଇଥିଲେ ମଧ କେହି ଏହା ଜାଣିପାରି ନ ଥିଲେ। ରମେଶ ପୁଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସନ୍ଦେହ ହେବାରୁ କେନାଲରେ ଖୋଜାଖୋଜି କରିବା ବେଳେ ତାଙ୍କୁ ପାଣିରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେଠାରୁ ଉଦ୍ଧାର କରି ତୁରନ୍ତ ଜୟପୁର ଚିକିତ୍ସାଳୟକୁ ନେଇଥିଲେ ମଧ ସେଠାରେ ଡାକ୍ତର ତିରୁମଲ୍ଲାକୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଏତଲା କିମ୍ବା ସୂଚନା ଦିଆଯାଇନାହିଁ।

### ରାଜ୍ୟସ୍ତରୀୟ ସୁରଭିରେ ହିମାଂଶୁ



ଲକ୍ଷ୍ମୀପୁର,୧୨।୧୧(ଡି.ଏନ୍.ଏ.): ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତୁନପାର ପଞ୍ଚାୟତ କ୍ଲଷ୍ଟର ଅଧୀନସ୍ଥ ବସ୍ତ୍ରବନ୍ଧ ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ହିମାଂଶୁ ବାଘ ଗତ ୯ ତାରିଖରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହାସହ ସେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବା ପାଇଁ ମଧ ମନୋନୀତ ହୋଇଛନ୍ତି। ମଫସଲରେ ଏହି ବିଦ୍ୟାଳୟ ଅବସ୍ଥିତ ଥିଲେ ମଧ୍ୟ ହିମାଂଶୁଙ୍କ ଭଳି ଛାତ୍ର ଲକ୍ଷ୍ମୀପୁର ବ୍ଲକ ପାଇଁ ଗର୍ବ ଆଣିଦେଇଛନ୍ତି। ଏହା ପଛରେ ଶିକ୍ଷକ ତଥା ତୁନପାର କ୍ଲଷ୍ଟର ସିଆରସି ଜଗନମୋହନ ରାଓଙ୍କ ଉଦ୍ୟମ ଥିବା ହିମାଂଶୁ କହିଛନ୍ତି।

### କପିଳେଶ୍ୱରରେ ଅଷ୍ଟପ୍ରହର ନାମଯଜ୍ଞ



କୋଲାବନଗର,୧୨।୧୧(ଡି.ଏନ୍.ଏ.): କୋଲାବନଗର ଅଞ୍ଚଳର ପ୍ରସିଦ୍ଧ କପିଳେଶ୍ୱର ମନ୍ଦିରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ଜିଲାର ବଛା ବଛା କୀର୍ତ୍ତନମଣ୍ଡଳୀ ମାନସିକ ରଖି କୀର୍ତ୍ତନରେ ଯୋଗ ଦେଇଥିଲେ। କୀର୍ତ୍ତନରେ ଯୋଗ ଦେଇଥିବା ୫ଟି କୀର୍ତ୍ତନ ମଣ୍ଡଳୀରେ କୁନ୍ଦୁରା ବ୍ଲକ କେନ୍ଦୁଗୁଡ଼ା ଗ୍ରାମର କୀର୍ତ୍ତନ ଦଳ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି କୀର୍ତ୍ତନ ଦଳରେ ୩୦ ଜଣ ପୁରୁଷ ଓ ୩୦ ଜଣ ମହିଳା ସାମିଲ ଥିଲେ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଦେବପୀଠରେ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା।

# 'ଓଡ଼ିଆଙ୍କ ସମୃଦ୍ଧିର ପ୍ରତୀକ ବୋଇତ ବନ୍ଦାଣ'

## ଆ-କା-ମା-ବୈରେ ମୁଖରିତ ହେଲା ସାଗରତଟ, ଭକ୍ତିମୟ ଦେବପୀଠ

ଜୟପୁର,୧୨।୧୧(ନି.ପ୍ର./ଡି.ଏନ୍.ଏ.)

ବୋଇତ ବନ୍ଦାଣ ଓଡ଼ିଆ ଜାତି ଓ ସଂସ୍କୃତିର ପର୍ବ। ଓଡ଼ିଆ ସାଧବପୁଅ ବେପାର କରିବାକୁ ବୋଇତରେ ବିଦେଶକୁ ଯାଉଥିଲେ ଓ ଧନରତ୍ନ ଉପାର୍ଜନ କରି ଫେରୁଥିଲେ। ବିଶ୍ୱରେ ଏ ରାଜ୍ୟ ଧନଶାଳୀ ରାଷ୍ଟ୍ର ଭାବେ ପରିଗଣିତ ହେଉଥିଲା। ତେଣୁ ପୂର୍ବପୁରୁଷଙ୍କ ସ୍ମୃତିରେ ହେଉଥିବା ଏହି ବୋଇତ ବନ୍ଦାଣ ଓଡ଼ିଆ ସମୃଦ୍ଧିର ପ୍ରତୀକ। ଜୟପୁର ସହର ରାଜୁସାହି ପଞ୍ଚାନନ ମନ୍ଦିର ଛକରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ତାରାପ୍ରସାଦ ବାହିନୀପତି ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିନୋଦ ମହାପାତ୍ର, ଦେବେନ୍ଦ୍ର ବାହିନୀପତି, ହେମନ୍ତ ମହାପାତ୍ର, ଶକ୍ତିରେଖା ମିଶ୍ର ମଞ୍ଚାସୀନ ଥିଲେ। ଲାଲଟୁ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ଆୟୋଜନ ହୋଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଘ୍ନରାଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରେରଣା କଳାକେନ୍ଦ୍ର ଓ ମୀରା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ, ଛତିଶଗଡ଼ର ବର୍ଷା ଓ ଅର୍କେଷ୍ଟ୍ରା ପକ୍ଷରୁ ସଂଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ଶଶିରେଖା ମିଶ୍ର, ଦେବେନ୍ଦ୍ର ବାହିନୀପତି ଓ ହେମନ୍ତ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମାଦଳାସାହି କୁଞ୍ଜବିହାରୀ ମନ୍ଦିରରେ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ପ୍ରତିମୂର୍ତ୍ତିକୁ ସୋମବାର ବିଳମ୍ବିତ ରାତିରେ ବିଧାୟକ ବାହିନୀପତିଙ୍କ ଉପସ୍ଥିତିରେ ବିସର୍ଜନ କରାଯାଇଥିଲା।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମଙ୍ଗଳବାର ଭୋର୍‌ରୁ ଜୟପୁରସ୍ଥିତ ଜଗନ୍ନାଥ ସାଗରରେ ଛୋଟରୁ ବଡ଼ ପର୍ଯ୍ୟନ୍ତ କଦଳୀ ମଞ୍ଜା ଓ ସୋଲନିର୍ମିତ ବୋଇତ ନେଇ ବନ୍ଦାପନା ସହ ବୋଇତ ଭସାଇଥିଲେ। ସେହିପରି ଜୟପୁରର ଖଜୁରୀବନ୍ଧ ଓ ଗୋବର୍ଦ୍ଧନ ମୁଣ୍ଡାରେ ମଧ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ ଉତ୍ସବ ପାଳିଥିଲେ। 'ଆ କା ମା ବୈ ପାନ ଗୁଆ ଥୋଇ, ପାନଗୁଆ ତୋର ମାସକ ଧର୍ମ ମୋର' ଡାକରେ ସାଗର ତଟ ମୁଖରିତ ହୋଇଥିଲା। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଜୟପୁରର ବିଭିନ୍ନ ମନ୍ଦିରରେ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଙ୍କୀର୍ତ୍ତନ ହୋଇଥିଲା। ଜୟପୁରର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ରଘୁନାଥ ମନ୍ଦିର, ଗୀତା ଭବନ, ବାଲାଜି ମନ୍ଦିର, ପଞ୍ଚାନନ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ଚୈତନ୍ୟ ମନ୍ଦିର ଏଥିପାଇଁ ଲୋକାରଣ୍ୟ ହୋଇପଡ଼ିଥିଲା। ସେହିପରି କୋରାପୁଟ ଜିଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରକୁ ଭକ୍ତଙ୍କ ସୁଅ ଛୁଟିଥିଲା।



ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି।

### ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅବଧାନ,**
**ଆଗ ମାଇପକୁ ଚଡ଼ଚାପଡ଼**
**ପଛ ମାଇପକୁ ସାବଧାନ ।**

ଏହା ଏକ ସାମାଜିକ ବ୍ୟଙ୍ଗ। ପ୍ରଥମ ସ୍ତ୍ରୀ ସ୍ୱାମୀର ଅନେକ ଦଡ଼ିମଡ଼ି ଭଲମନ୍ଦ ଗାଳିଗୁଲଜ ସହିପାରେ। ଦୁଃଖକଷ୍ଟ ଯନ୍ତ୍ରଣା ସହି ସେ ସ୍ୱାମୀକୁ ମାନି ଚଳିବା ସହ ଦି'ଚାପଡ଼ ପକେଇଲେ ବି ସହିଯାଏ। କିନ୍ତୁ ପଛରେ ବିଭାହୋଇଥିବା ସ୍ତ୍ରୀ ପ୍ରତି ଏତାଦୃଶ ବ୍ୟବହାର ଦେଖାଇଲେ ସେ ସହେ ନାହିଁ। ପୁରୁଷକୁ କୌଣସି କାରଣରୁ ବଶ ବା ମୁଗ୍ଧକରି ଆସିଥିବା ଉକ୍ତ ମହିଳା ପୁରୁଷ ଉପରେ ହୁକୁମ ଜାହିର କରେ। କାଳେ ଅଭିମାନ କରି ଘରୁ ପଳେଇବ ସେ ନେଇ ପୁରୁଷ ତାକୁ ଡରିହରି ଚଳିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ ଘଟାଇ କହୁଛି କଥା,**
**ଗୋଟିଏ ଗଣ୍ଡିକି ଚାରିଟି ମଥା ।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ ତଥା ଅବାସ୍ତବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଉଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଶାବର ଶ୍ରୀକ୍ଷେତ୍ରରେ ରାଜରାଜେଶ୍ୱରୀ ବେଶ

■ ନରେନ୍ଦ୍ର ପୋଖରୀରେ ବୋଇତ ବନ୍ଦାଇଲେ ଶ୍ରଦ୍ଧାଳୁ

କୋରାପୁଟ,୧୨।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଛି। ଭୋର ୪ଟାରେ ତିନି ଠାକୁରଙ୍କ ମଙ୍ଗଳ ଆରତୀ ପରେ ୫ଟା ୩୦ରେ ନରେନ୍ଦ୍ର ସରୋବରରେ ପୂଜାର୍ଚ୍ଚନା ସହ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ବୋଇନ୍ଦ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଂପାଦକ ଗଦାଧର ପରିଡ଼ା ଉପସ୍ଥିତ ଥିଲେ। ହଜାର ହଜାର ଶ୍ରଦ୍ଧାଳୁ ପରିବାର ସହ ବୋଇତ ବନ୍ଦାଇଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କହିଥିଲେ। ସେହିପରି କୋରାପୁଟ ସହରର ଓଏମ୍‌ପି ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ମଧ ଜିଲା ଓ ବାହାରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।



ଶାବର ଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ରାଜରାଜେଶ୍ୱରୀ ବେଶ।

## ପୂର୍ବତନ ମନ୍ତ୍ରୀ ରଘୁନାଥଙ୍କ ଜୟନ୍ତୀ

ଜୟପୁର,୧୨।୧୧(ନି.ପ୍ର.)

ଜୟପୁର ବ୍ଲକ ଟାଙ୍କୁଆ ଗ୍ରାମ ଜଗନ୍ନାଥ ମନ୍ଦିରରେ ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ୯୧ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଏଥିରେ ରଘୁନାଥ ପଟ୍ଟନାୟକ ଫାଉଣ୍ଡେସନର ଲୋଗୋ ଉନ୍ମୋଚନ କରାଯାଇଥିଲା। ବରିଷ୍ଠ ନାଗରିକ ଓ ଶୁଭେଚ୍ଛୁ ଏଥିରେ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୁଅ ବିରେନ ପଟ୍ଟନାୟକ, ଧୀରେନ ପଟ୍ଟନାୟକ, ନାତି ପ୍ରତ୍ୟୁଷ ଓ ପୀୟୁଷ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଯଜ୍ଞେଶ୍ୱର ପଣ୍ଡା, ସମ୍ମାନିତ ଅତିଥି ଭାବେ ସୁରେଶ ଦାସ, ମୁଖ୍ୟବକ୍ତା ଯୁଗଳ କିଶୋର ମିଶ୍ର, ସୁବାସ ମିଶ୍ର ଉପସ୍ଥିତ ଥିଲେ। ତପସ୍ୱିନୀ ସାହୁ ଭଜନ ପରିବେଷଣ ଓ ରାଜଗୋପାଳ ଦୋରା ବେଦ ପାଠ କରିଥିଲେ। 'ସର୍ବେ ଚଳିବେ କାଳବଳେ, ଯଶ ରହିବ ମହୀତଳେ' ବିଷୟ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।



ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କୁ ପରିଚୟପତ୍ର ଦେଉଛନ୍ତି ଜିଲାପାଳ।

## ପୌର ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କୁ ପରିଚୟପତ୍ର ଦେଲେ ଜିଲାପାଳ

ଜୟପୁର,୧୨।୧୧(ଡି.ଏନ୍.ଏ.)

ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କୁ ପରିଚୟ ପତ୍ର ବଣ୍ଟନ କରିଛନ୍ତି। ସହରର ପରିମଳ ବ୍ୟବସ୍ଥାରେ ବ୍ୟାପକ ସୁଧାର ଅଣାଯାଇ ଏହାକୁ ସ୍ୱଚ୍ଛ ପରିମଳ ସହର ଭାବେ ଗଢ଼ିବା ପାଇଁ ସେ ସମସ୍ତଙ୍କଠ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡା, ନୂତନ ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ପଟ୍ଟନାୟକ, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ, ସିଏମଏମୟୁର ମ୍ୟାନେଜର ବବିତା ଦାସ, ଷ୍ଟେନୋ ଗୋପାଳ ସାହୁ ଉପସ୍ଥିତ ଥିଲେ।

## ଚାଲାଣ ବେଳେ ୯ ଗାଈ, ଗାଡ଼ି ଜବତ

■ଡ୍ରାଇଭର ସହ ୫ ଜଣଙ୍କୁ ଗିରଫ କଲା ଟାଉନପୋଲିସ

କୋରାପୁଟ,୧୨।୧୧(ସ୍ୱ.ପ୍ର.)

ବେଆଇନ ଚାଲାଣ ବେଳେ ମଙ୍ଗଳବାର ରାତିରେ ଟାଉନ ପୋଲିସ ଚଢ଼ାଉ କରି ପିକଅପ ଭ୍ୟାନ୍ ସହ ସେଥିରୁ ୯ଟି ଗାଈ ଜବତ କରିଛି। ଏଥିରେ ଡ୍ରାଇଭର ସମେତ ୫ ଜଣଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରକାଶ କରିଛନ୍ତି। ଜୟପୁରର ଜୟନ୍ତଗିରି ଅଞ୍ଚଳରୁ ପୋଡ଼ାଗଡ଼ ନିକଟ ପଟ୍ଟାମାଳିଗୁଡ଼ା ଗ୍ରାମକୁ ବେଆଇନ ଭାବେ ଗାଈ ଚାଲାଣ କରାଯାଉଥିବା ଖବର ପାଇଥିଲେ କୋରାପୁଟ ଟାଉନ ଥାନା ଅଧିକାରୀ। ତାଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ପୋଲିସର ଏକ ଦଳ କୋରାପୁଟ ସହର ଉପକଣ୍ଠରୁ ଗାଡ଼ିକୁ ଜବତ କରିବା ସହ ସେଥିରୁ ୯ଟି ଗାଈ ଉଦ୍ଧାର କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ପିକ୍‌ଅପ୍ ଭ୍ୟାନ ଡ୍ରାଇଭର ସହ ପବିତ୍ର କୁଲଦୀପ, ନବୀନ ଟାକ୍ରି, ସୁରେନ୍ଦ୍ର କନ୍ଧପାନ ଓ ଗୋବିନ୍ଦ ଡୁଙ୍ଗୁରିଙ୍କୁ ପୋଲିସ ଗିରଫ କରିଛି । ଥାନାରେ ଏନେଇ କେସ୍ ନଂ ୨୮୬/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଜବତ ଗାଡ଼ିଟି କୋରାପୁଟ ହାଟପଦା ଅଞ୍ଚଳର ବୋଲି ଜଣାପଡ଼ିଛି।

## ଗୁରୁ ନାନକ ଜୟନ୍ତୀ ପାଳିତ

ଜୟପୁର,୧୨।୧୧(ଡି.ଏନ୍.ଏ./ନି.ପ୍ର.)

ଶିଖ ସମ୍ପ୍ରଦାୟର ପ୍ରଥମ ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ଏବଂ ପ୍ରକାଶ ଉତ୍ସବ ମଙ୍ଗଳବାର ଜୟପୁରରେ ପାଳିତ ହୋଇଛି। ସହରର ନାରାୟଣ ମନ୍ଦିର ସାହି ଓ ତୋଟାସାହି ସ୍ଥିତ ୨ଟି ଗୁରୁଦ୍ୱାରାଠାରେ ଶିଖ୍‌ଙ୍କ ସମେତ ସ୍ଥାନୀୟ ହିନ୍ଦୁମାନେ ମଧ ଏଥିରେ ସାମିଲ ହୋଇଥିଲେ। ନାନକଙ୍କ ଜୟନ୍ତୀ ଅବସରରେ ଶିଖ ସଂପ୍ରଦାୟ ପକ୍ଷରୁ ପଞ୍ଝୁକଠାରୁ ପ୍ରତ୍ୟୁଷରେ ନଗର କୀର୍ତ୍ତନ ସହ ସହର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଜୟନ୍ତୀରେ ପବିତ୍ର ଗ୍ରନ୍ଥସାହେବ ପାଠ କରାଯିବା ପରେ ଭଜନ ଓ କୀର୍ତ୍ତନ, ମଧ୍ୟାହ୍ନରେ ଲଙ୍ଗାର ଆୟୋଜନ କରାଯାଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ।

## ଶାବରୀ ଲେକ୍‌ରେ ଭାସିଲା ବୋଇତ

ଦାମନଯୋଡ଼ି,୧୨।୧୧(ସ୍ୱ.ପ୍ର.)

ନାଲ୍‌କୋର କମନ ୱେଲଫେୟାର କମିଟି ପକ୍ଷରୁ ଶାବରୀ ଲେକ୍‌ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ନାଲ୍‌କୋ ଇଡି ରବିଶଙ୍କର ଦାସ ସାଧବପୁଅ ବେଶରେ ସୁସଜ୍ଜିତ ବୋଇତରେ ବସିଥିଲେ। ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରର ୭ ଜଣ ବାଳିକା ସାଧବବୋହୂ ବେଶରେ ଇଡି ଦାସଙ୍କୁ ବନ୍ଦାପନା କରିଥିଲେ। ଦାମନଯୋଡ଼ିରେ ବୋଇତ ବନ୍ଦାଣ ସହ ରାସ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ କରାଯାଇଥିଲା। ଭେଜାପୁଟର ଶ୍ରୀସିଦ୍ଧେଶ୍ୱର ମନ୍ଦିର, ମରିଚମାଳର ଶ୍ରୀସିଦ୍ଧେଶ୍ୱର ପୀଠ, ଟାଉନଶିପ୍‌ର ସେକ୍ଟର-୧ ଓ ୩ସ୍ଥିତ ମନ୍ଦିର, ମାଥାଲପୁଟର ରାଧାକୃଷ୍ଣ ମନ୍ଦିର, ତ୍ରିନାଥ ମନ୍ଦିର, ବଟୁକେଶ୍ୱର ଶନିଶ୍ଚରଙ୍କ ମନ୍ଦିର, କଳାହାଣ୍ଡି କଲୋନୀ, ସୁରକ୍ଷା ବିହାର, ଅଁଳାବାଡ଼ି କଲୋନୀ, ଚମ୍ପାପଦର କଲୋନୀର ଶିବମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ଭେଜାପୁଟ ଗାୟତ୍ରୀ ମନ୍ଦିର ବାର୍ଷିକୋତ୍ସବ ହୋଇଥିଲା। ଟାଉନଶିପ୍ ଶିରିଡି ସାଇ ମନ୍ଦିରରେ ମଧ ସ୍ୱତନ୍ତ୍ର ପୂଜା କରାଯାଇଥିଲା।



ବୋଇତରେ ସାଧବପୁଅ ବେଶରେ ନାଲ୍‌କୋ ଇଡି ।

## ଫଟୋରେ ଖବର



କୋରାପୁଟ ଶାବର ଶ୍ରୀକ୍ଷେତ୍ରସ୍ଥିତ ନରେନ୍ଦ୍ର ସରୋବରରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଉଛନ୍ତି।



ସୁନାବେଡ଼ା ଡ୍ୟାମ୍‌ରେ ବୋଇତ ବନ୍ଦାଣ।



ଦାମନଯୋଡ଼ି ନାଲ୍‌କୋ ଟାଉନଶିପ୍ ସେକ୍ଟର-୨ ହନୁମାନ ବାଟିକାରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ଯଜ୍ଞ, ଅଭୟ ଆଞ୍ଜନେୟଙ୍କ ସ୍ୱତନ୍ତ୍ର ପୂଜା କରାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ନଭେମ୍ବର ୧୩/୨୦୧୯ Rayagada, Wednesday, November. 13 / 2019


## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କା ଠକେଇ ଘଟଣା
## ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ନବରଙ୍ଗପୁର,୧୨।୧୧(ବି.ପ୍ର): ନବରଙ୍ଗପୁର ଜିଲାରେ ନେଟୱର୍କ ମାର୍କେଟିଂ ନାମରେ କମ୍ପ୍ୟୁଟର, ସ୍ପୋକେନ ଇଂଲିସ ଓ ବିଭିନ୍ନ କୌଶଳ ଶିକ୍ଷା ନାମରେ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ନବରଙ୍ଗପୁର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆରଡୁଏଲ ଗ୍ଲୋବାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡର ସିଏମଡି ଉମେଶ ମିଶ୍ର, ଟପ ସିନିୟର ସୁଭମ ପ୍ରଧାନ। ସେମାନେ ନବରଙ୍ଗପୁରରେ ସଂସ୍ଥା ଖୋଲି ଯୁବତୀ ଯୁବକଙ୍କୁ ଚାକିରି ପ୍ରଲୋଭନ ଓ ବିଭିନ୍ନ ଶିକ୍ଷା ଯୋଗାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ।

## ଆଟିଗାଁ ସରପଞ୍ଚ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ



ନବରଙ୍ଗପୁର,୧୨।୧୧(ବି.ପ୍ର.): କୋଷାଗୁମୁଡା ବ୍ଲକ ଅଧୀନ ଆଟିଗାଁ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନରେ ଗୁରୁବାରୁ ମାଝୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସେ କେବଳ ଜଣେ ହିଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଆଟିଗାଁକୁ ଯାଇ ନବନିର୍ବାଚିତ ସରପଞ୍ଚ ଗୁରୁବାରୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ବିଜେଡି ନେତା ବଦ୍ରି ନାରାୟଣ ସିଂ, ବ୍ଲକସଭାପତି ପ୍ରଶାନ୍ତ ବକ୍ସି, ଗୁପ୍ତେଶ୍ୱର ପଟ୍ଟନାୟକ, ଇଶ୍ୱର ମାଝୀ ଓ ଚିତ୍ତରଞ୍ଜନ ଗୌଡ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ତେବେ ଏହି ପଞ୍ଚାୟତରେ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଭାଇଚାରା ସୃଷ୍ଟି କରିଥାଏ ମହମ୍ମଦଙ୍କ ବାଣୀ



ଚନ୍ଦାହାଣ୍ଡି, ୧୨।୧୧ (ଡି.ଏନ.ଏ.): ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଚନ୍ଦାହାଣ୍ଡି ବ୍ଲକ ମୋହରା ସୁନ୍ନି ମୁସଲିମ କମିଟି ପକ୍ଷରୁ ସୋମବାର ଏକ ଧର୍ମସଭା ମସଜିଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରପ୍ରଦେଶ ଆହ୍ଲାବାଦରୁ ଧର୍ମଗୁରୁ ମୌଲାନା ମୁଫତିହାରୁନ, ସାୟରେ ଇସଲାମ, ଇଲିୟାସ ଫୈଜି ଯୋଗଦେଇ ମହାପୁରୁଷ ମହମ୍ମଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୋହରା ମୁସଲିମ କମିଟି ତରଫରୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ଭାଜପା ସଭାପତି ଗୋବିନ୍ଦ କୁମାର ଜୈନ, ଜିଲା ବିଜେଡି ସଂଯୋଜକ ପ୍ରମୋଦ କୁମାର ପାଢ଼ୀ, ପିସିସି ସମ୍ପାଦକ କ୍ଷେମରାଜ ବାଘଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମହମ୍ମଦଙ୍କ ବାଣୀ ସମାଜରେ ଭାଇଚାରା, ଶାନ୍ତି ଓ ମୈତ୍ରୀ ଭାବନା ସୃଷ୍ଟି କରିଥାଏ। ତାଙ୍କର ବାଣୀ ଜନସମାଜକୁ ସବୁବେଳେ ନୈତିକ ଶିକ୍ଷା ପ୍ରଦାନ କରୁଥିବାବେଳେ ଚନ୍ଦାହାଣ୍ଡି ଭଳି ଉପାନ୍ତ ଅଞ୍ଚଳରେ ଆମେ ସମସ୍ତେ ଭାଇଚାରାରେ ବସବାସ କରିବା ବୋଲି ଏମପି ମାଝି କହିଥିଲେ। କାର୍ଯ୍ୟକ୍ରମରେ ମୁସଲିମ କମିଟିର ସଭାପତି ମହମ୍ମଦ ଇନୁସ, ମହମ୍ମଦ ରଫିକ, ମହମ୍ମଦ ସଲିମ, ମହମ୍ମଦ ସାଜିଦ ଠିକାଦାର, ମହମ୍ମଦ ହୁସେନ ଓ ମୌଲାନା ସଲମାନ ରାଜା ହବିବ, ଅବଦୁଲ ମଜିଦ, ହାଜି ମହମ୍ମଦ ଇସା, ମହମ୍ମଦ ହନିଫ, ସୁଲତାନ ଅଲ୍ଲୀ, ମକବୁଲ ଅଲ୍ଲୀ, ମୁରାଦ ଅଲ୍ଲୀ, ମହମ୍ମଦ ହନିଫ ହିରୋ, ସହିଦ ଅଲ୍ଲୀ, ମହମ୍ମଦ ରିଜୁଆନ, ମହମ୍ମଦ ଅସପାକ, ରେହେମାନ, ସାଜିଦ, ମକବୁଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦୮ ଛାତ୍ରୀଛାତ୍ରଙ୍କୁ ୩ ଶ୍ରେଣୀଗୃହ

କୋଷାଗୁମୁଡ଼ା,୧୨।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ବିଦ୍ୟାଳୟଗୁଡିକରେ ଭିତ୍ତିଭୂମିର ଆବଶ୍ୟକତା ଥିବା ବେଳେ କୌଣସି ପଦକ୍ଷେପ ନିଆଯାଉ ନାହିଁ । କେଉଁଠି ଶିକ୍ଷକ ଥିଲେ ଶ୍ରେଣୀଗୃହର ଅଭାବ ତ ଆଉ କେଉଁଠି ଶ୍ରେଣୀଗୃହ ଥିଲେ ଶିକ୍ଷକଙ୍କ ଅଭାବ । ଏଭଳି ଭାବେ ଚାଲିଛି ଶିକ୍ଷାଦାନ । କୋଷାଗୁମୁଡ଼ା ବ୍ଲକର ପଣ୍ଡୁଗୁଡା ପଞ୍ଚାୟତର ବାଦ ଗ୍ରାମରେ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲଗାଯାଇଥିବା ଫଳକ ଅନୁଯାୟୀ ଏହା ୫।୭।୧୯୫୯ରେ ସ୍ଥାପିତ ହୋଇଛି। ୬୦ ବର୍ଷ ବିତିଯାଇଥିଲେ ମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ ହୋଇପାରିନାହିଁ। ସ୍କୁଲରେ ଆବଶ୍ୟକତା ଅନୁଯାୟୀ ଶ୍ରେଣୀଗୃହ ନାହିଁ । ୩ଟି ଶ୍ରେଣୀଗୃହରେ ୧ରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ୧୦୮ ଛାତ୍ରୀଛାତ୍ରମାନଙ୍କ ପାଇଁ ଅଛନ୍ତି ୫ ଶିକ୍ଷକ । ମୋଟ ୫୬ ବାଳିକା ଏବଂ ୫୨ ବାଳକ ପଢୁଛନ୍ତି । ସେହି ଗୃହର ମଧ୍ୟ ମରାମତିର ଆବଶ୍ୟକତା ରହିଛି । ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାଚେରି ମଧ୍ୟ ନାହିଁ । ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ଗୃହ ନାହିଁ ଫଳରେ ଅନ୍ୟତ୍ର ରୋଷେଇ କରି ଆଣି ଏଠାରେ ମଧ୍ୟାହ୍ନଭୋଜନ ଦିଆଯାଇ ନାହିଁ। ଆବଶ୍ୟକତା ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ । ଗୋଟିଏ ମାତ୍ର ଶୌଚାଳୟ ଅଛି ତାହା ପୁଣି ତାଲା ପଡିଥିଲା। ଶୌଚାଳୟରେ ପାଣିର ବ୍ୟବସ୍ଥା ନାହିଁ । ଛାତ୍ରୀଛାତ୍ରମାନେ ଶୌଚାଳୟ ଯିବେ କେମିତି । ଏପରି ଅବ୍ୟବସ୍ଥାରେ ଚାଲିଛି ବିଦ୍ୟାଳୟ ।



ବାରଣ୍ଡାରେ ପିଲାମାନେ ପାଠ ପଢୁଛନ୍ତି ।







## ଚନ୍ଦନଧାରା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଝରିଗାଁ,୧୨।୧୧(ସ୍ୱ.ପ୍ର)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ରହିଥିବା ଚନ୍ଦନଧାରା, ଧୋଡ୍ରା, ଝରିଗାଁ, ଧନପୁର, ବୁର୍ସିଡଙ୍ଗରୀ, ଦେଉଳକୋଣା ଆଦି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଅବସରରେ ଏମପି ରମେଶ ଚନ୍ଦ୍ର ମାଝୀ ଏବଂ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଚନ୍ଦନଧାରା ଶୈବପୀଠକୁ ଯାଇ ଠାକୁରଙ୍କ ଦର୍ଶନ କରି ଫେରିଛନ୍ତି। ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ଟିକ ମାଝୀ, ମଦନ ସାମଲ, ମନ୍ଦିର ପରିଚାଳନା କମିଟିର ଉପସଭାପତି ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦନଧାରା ଶୈବପୀଠ ଏବଂ ଏହାର ନିକଟରେ ରହିଥିବା ଜଳପ୍ରପାତକୁ ଦେଖିବା ନେଇ ସର୍ବଦା ଭିଡ ରହିଥାଏ। ଏମପି ଏବଂ ବିଧାୟକଙ୍କ ପ୍ରଚେଷ୍ଟାରେ ଚନ୍ଦନଧାରାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲା। ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ଚନ୍ଦନଧାରାର ଉନ୍ନତୀ ନେଇ ପ୍ରଥମ ପର୍ଯ୍ୟାୟରେ ଦେଢ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସହ ଅତି ଶୀଘ୍ର କାମ ଆରମ୍ଭ ହେବ ବୋଲି ଏମପି କହିଛନ୍ତି ଚନ୍ଦନଧାରା ପର୍ଯ୍ୟଟନ ସ୍ଥଳୀ ନିକଟକୁ ଯିବା ନେଇ ପକ୍କା ରାସ୍ତା ସହ ପାନ୍ଥଶାଳା , ଝୁଲା ବ୍ରିଜ୍ ଆଦି ନିର୍ମାଣ କରାଯିବ।



ଚନ୍ଦନଧାରା ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ।

# ଶୈବପୀଠରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ



ପାପଡାହାଣ୍ଡି ନୀଳକଣ୍ଠେଶର ମନ୍ଦିରରେ ଭକ୍ତଙ୍କ ଭିଡ଼ ।



କେଳିଆ ଶୈବପୀଠରେ ଭକ୍ତମାନେ ଲମ୍ବା ଧାଡି ।

ଡାବୁଗାଁ/ପାପଡାହାଣ୍ଡି, ୧୨।୧୧ (ଡି.ଏନ.ଏ.)

ଡାବୁଗାଁ ବ୍ଲକର ଚଟରାଗୁଡା ପଞ୍ଚାୟତ ଅଧୀନ କେଳିଆ ଶୈବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ମଙ୍ଗଳବାର ପାଳିତ ହୋଇ ଯାଇଛି। ଶ୍ରଦ୍ଧାଳୁମାନେ ଝାଡେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ । ଡାବୁଗାଁ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ସମ୍ପାଦକ ଦେବରାଜ ପାତ୍ର ,କୋଷାଧକ୍ଷ ଜି.ସାଇରାଜୁ, ଚଟରାଗୁଡା ସରପଞ୍ଚ ଧର୍ମାନନ୍ଦ ନାୟକ, ସୁରେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ । ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବିଧାୟକ ପ୍ରକାଶ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ଆସି ମହାଦେବଙ୍କୁ ଦର୍ଶନ କରିଥିଲେ। ଡାବୁଗାଁ ଶିବ ମନ୍ଦିର ,ବାଘବେଡା, ଜୁନାପାଣି ଓ ବିରିଶୋଲା ଶିବ ମନ୍ଦିରରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସେହିପରି ପାପଡାହାଣ୍ଡି ବ୍ଲକ ସଦର ମହକୁମାର ନୀଳକଣ୍ଠେଶର, ଝାଡେଶ୍ୱର, ନୂଆକଟ ପଞ୍ଚାୟତର ଗର୍ଭରାଇ ଆଦି ଶୈବ ପୀଠରେ ଦର୍ଶନ ଲାଗି ଜନ ସମାଗମ ହୋଇଥିଲା । ଲୋକେ ସକାଳୁ ସକାଳୁ ଡ଼ଙ୍ଗା ଭସାଣ ସାରି ମନ୍ଦିରକୁ ଯାଇଥିଲେ ।ପାପଡାହାଣ୍ଡି ନୀଳକଣ୍ଠେଶର ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମୁଖ୍ୟ ପୁରୋହିତ ଶିବ କୁମାର ତ୍ରିପାଠୀ ଓ ନୀଳକଣ୍ଠ ତ୍ରିପାଠୀଙ୍କ ପ୍ରାତଃ ପୂଜା ପରେ ଠାକୁରଙ୍କୁ ଲୋକେ ଦର୍ଶନ କରିଥିଲେ। ସ୍ଥାନୀୟ ତୁରି ନଦୀରେ ଡ଼ଙ୍ଗା ଭସାଣ କରାଯାଇଥିଲା ।

## ଜୁଆ ଆଡ୍ଡାରେ ଚଢ଼ାଉ

ବାଲିଗୁଡା,୧୨।୧୧(ଡି.ଏନ.ଏ) ବାଲିଗୁଡାର ପଣସପୋଡି ଓ କନ୍ଧସାହି ଆମ୍ବ ତୋଟା ଜୁଆଆଡ୍ଡାରେ ପୋଲିସ ଚଢାଉ କରି ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ତାସ,ପାଲ, ହୁକା ଓ ଟଙ୍କା ଜବତ କରାଯାଇଛି।

## ଅଷ୍ଟପ୍ରହର ନାମଯଜ୍ଞ

ଧୋଡ୍ରା,୧୨।୧୧(ଡି.ଏନ.ଏ)

ଧୋଡ୍ରା ସାନଭୀମାଗୁଡା ଗ୍ରାମରେ ଅଖଣ୍ଡ ନାମ ସଂକୀର୍ତ୍ତନ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଛି। ରବିବାର ସନ୍ଧ୍ୟାରେ ରଙ୍ଗାବରଣରେ ନିକଟସ୍ଥ ପୋଖରୀରୁ ମହିଳାମାନେ କଳସରେ ପାଣି ଆଣି ଶୋଭାଯାତ୍ରାରେ ନାମଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ପରେ ସନ୍ଧ୍ୟା ସମୟରେ ଅଧିବାସ ହୋଇଥିଲା। ଅହୋରାତ୍ର ନାମ ସଂକୀର୍ତ୍ତନ ମଙ୍ଗଳବାର ଶେଷ ହୋଇଥିଲେ। ଏଥିରେ ଡହଗା, ଖଲିଆପାନି, କାଦମଲି, ପ୍ରଧାନିଗୁଡା, ବରପାଣି, ସାନଭିମାଗୁଡା ଦଳ ଭାଗ ନେଇଛନ୍ତି।

# ଅସହାୟଙ୍କୁ କମ୍ବଳ ବଣ୍ଟନ କଲେ ବିଧାୟକ

ପାପଡାହାଣ୍ଡି, ୧୨।୧୧(ଡି.ଏନ.ଏ)

ପାପଡାହାଣ୍ଡିର ଶିବ ମନ୍ଦିର, ଝାଡେଶ୍ୱର ମନ୍ଦିର, ମାଣ୍ଡାଡଙ୍ଗରି ଶିବ ମନ୍ଦିରରେ ମହାଦେବଙ୍କୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଦର୍ଶନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ବସିଥିବା ଅସହାୟ, ଗରିବ ଏବଂ ଭିକ ମାଗୁଥିବା ବ୍ୟକ୍ତିମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏନେଇ ବିଧାୟକ କହିଥିଲେ ଯେ ବର୍ତ୍ତମାନ ଏହି ଅଞ୍ଚଳରେ ଶୀତର ପ୍ରକୋପ ବଢିଛି। ଅସହାୟ ଏବଂ ଗରିବ ଶ୍ରେଣୀର ଲୋକମାନେ ଯେପରି ଥଣ୍ଡାଯୋଗୁଁ ହଇରାଣ ନହୁଅନ୍ତି ସେଥିପାଇଁ ଲୋକଙ୍କୁ କମ୍ବଳ ବାଣ୍ଟିଥିବା କହିଥିଲେ । ମୋ ନିର୍ବାଚନ ମଣ୍ଡଳୀରେ ଲୋକ ସମସ୍ତେ ସୁଖରେ ରହିବେ ସେ ଦିଗରେ ମୋର ଚେଷ୍ଟା ଜାରି ରହିବ ବୋଲି କହିଥିଲେ ।



## ଶ୍ରଦ୍ଧାଳୁଙ୍କ ବୋଇତ ବନ୍ଦାଣ

ଚନ୍ଦାହାଣ୍ଡି, ୧୨।୧୧(ଡି.ଏନ.ଏ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚନ୍ଦାହାଣ୍ଡି ବ୍ଲକର ପୁରପଲ୍ଲୀରେ ଆବାଳବୃଦ୍ଧବନିତା ନଦୀ ଏବଂ ପୁଷ୍କରିଣୀରେ ଡଙ୍ଗା ଭସାଇ ଓଡିଶାର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଛନ୍ତି। ଶ୍ରଦ୍ଧାଳୁମାନେ ନିଜ ଘରେ ପୂଜା ପାଉଥିବା ତୁଳସୀ ବୃକ୍ଷକୁ ପୂଜା କରିଥିଲେ। ତେଲନଦୀ, ଭଣ୍ଡାରୀ ନଦୀ, ଫୁଲଝରି ଡ୍ୟାମ ଏବଂ ଗାଁରେ ଥିବା ପୁଷ୍କରିଣୀମାନଙ୍କରେ ଶ୍ରଦ୍ଧାଳୁମାନେ ଆ-କା-ମା ବୈ କହି ଡଙ୍ଗାରେ ଦୀପ, ପାନଗୁଆ, ହଳଦୀ, ସିନ୍ଦୁର ଥୋଇ ବିଭିନ୍ନ ଗୀତ ଗାଇ ଡଙ୍ଗା ଭସାଇଥିଲେ। ପରେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରକୁ ଯାଇ ଦେବ ଦର୍ଶନ କରିଥିଲେ। ଚନ୍ଦାହାଣ୍ଡି ଅଞ୍ଚଳରେ ଏହାକୁ 'ପାଣିଛଡାଣି'କୁହାଯାଇଥାଏ। ନଦୀ ଏବଂ ପୁଷ୍କରିଣୀ ସୋଲ ଏବଂ କଦଳୀ ବାହୁଙ୍ଗା ଡଙ୍ଗା ଦ୍ୱାରା ପ୍ରଦୂଷଣ ହେଉଥିବାବେଳେ ଘରେ ଥିବା ପ୍ଲାଷ୍ଟିକ ପାଣି କୁଣ୍ଡରେ କାଗଜ ତିଆରି ଡଙ୍ଗା ଶ୍ରଦ୍ଧାଳୁମାନେ ଭସାଉଥିବା ଦେଖିବାକୁ ମିଳିଛି।

# ଲୋକ ମହୋତ୍ସବ ପାଇଁ ଆକର୍ଷଣୀୟ ଟେରାକୋଟା



ପ୍ରସ୍ତୁତ ହୋଇଥିବା ଟେରାକୋଟା ସାମଗ୍ରୀ

ନବରଙ୍ଗପୁର,୧୨।୧୧(ବି.ପ୍ର.)

- କାରିଗରଙ୍କ ପାଇଁ ନିର୍ମାଣ କରାଯାଇଛି କମ୍ୟୁନିଟି ଫ୍ୟାସିଲିଟି ସେଣ୍ଟର
- ୮୬ ପ୍ରକାର ସାମଗ୍ରୀ ତିଆରି କରାଯାଉଛି
- ଗୋଟିଏ ପରିବାରର ମାସିକ ୧୬ ହଜାର ରୋଜଗାର

ମାଟି ହେଉଛି ମାଆ । ମାଟିକୁ ବ୍ୟବହାର କରି ଜୀବିକା ଅର୍ଜନ କରି ଆସୁଛନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତଣ୍ଡାଗୁଡା ଗାଁର ୮୪ ପରିବାର । ଶିଳ୍ପ ଗାଁ ଭାବେ ଏହାକୁ ମାନ୍ୟତା ଦିଆଯାଇଛି। ପ୍ରଥମେ ତଣ୍ଡାଗୁଡାର ମହିଳାମାନେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ କରି ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ମାଟି ହାଣ୍ଡି, ଦୀପ ଓ ଖେଳନା ଆଦି ତିଆରି କରି ବଜାରରେ ବିକ୍ରୀ କରି ଆସୁଥିଲେ । କଳାନିକେତନ ଅନୁଷ୍ଠାନ ନୂତନ ଡିଜାଇନ ତିଆରି କରି କିଭଳି କାରିଗର ଅଧିକ ରୋଜଗାର କରିବେ ସେ ନେଇ ଉଦ୍ୟମ କରିଥିଲେ । ଏହା ପରେ ନାର୍ବାଡ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ହସ୍ତଶିଳ୍ପୀଙ୍କ ଆର୍ଥିକ ଉନ୍ନତି ପ୍ରତି ଗୁରୁତ୍ୱ ଦେଇଥିଲା। ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦେଇ ୬ ମାସ ଲେଖାଏଁ କାରିଗରଙ୍କୁ ତାଲିମ ଦେଇଥିଲେ । ତାଲିମ ପାଇବା ପରେ ଶିଳ୍ପୀମାନେ ନୂତନ ଡିଜାଇନର ବିଭିନ୍ନ ପ୍ରକାର ଘର ସାଜସଜ୍ଜା ସାମଗ୍ରୀ ତିଆରି କଲେ । ଓରମାସ ଏହାର ବଜାର ବ୍ୟବସ୍ଥା ପ୍ରତି ଦାୟିତ୍ୱ ନେଇ ରୋଜଗାରର ବାଟ ଫିଟାଇଲା । ପ୍ରଥମେ କାରିଗରମାନେ ପୁରୁଣା ଢାଞ୍ଚାରେ ଘରେ ଭାଟି କରି ମାଟି ପୋଡି ତାହାକୁ ରଙ୍ଗ ଦେଉଥିଲେ। ଘରେ ସ୍ଥାନ ଅଭାବ ଯୋଗୁ ଅନେକ କାରିଗର ସମସ୍ୟା ଭିତରେ ରହି ଆସୁଥିଲେ । ଏହାକୁ ଜିଲା ପ୍ରଶାସନ ହୃଦୟଙ୍ଗମ କରିବା ପରେ ଶିଳ୍ପୀମାନେ ଏକାଠି ବସି କିଭଳି କାମ କରିବେ ସେ ନେଇ କମ୍ୟୁନିଟି ଫ୍ୟାସିଲିଟି ସେଣ୍ଟର ନିର୍ମାଣ କରାଯାଇଥିଲା। ବିଦ୍ୟୁତ ସଂଯୋଗୀକରଣ, ଶୌଚାଳୟ ବ୍ୟବସ୍ଥା କରାଯାଇଛି । କିନ୍ତୁ ପାଣିର ସମସ୍ୟା ରହିଛି । ଏବେ ୧୦୫ ପରିବାରକୁ ନେଇ ୭ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇ ପାରିଛି । ଗୋଟିଏ ପରିବାର ଟେରାକୋଟା ସାମଗ୍ରୀ ନିର୍ମାଣ କରି ମାସିକ ୧୬ ହଜାର ଟଙ୍କା ରୋଜଗାର କରି ପାରୁଛନ୍ତି ବୋଲି ହରିଶ୍ଚନ୍ଦ୍ର କୁମ୍ଭାର କହିଛନ୍ତି । ଛତିଶଗଡ, ଭୁବନେଶ୍ୱର, କଟକ ସମେତ ରାଜ୍ୟର ୩୦ଟି ଜିଲାରେ ଟେରାକୋଟା ହସ୍ତଶିଳ୍ପର ଚାହିଦା ରହିଛି । ଏନେଇ ଘୋଡା, ହାତୀ, କୁମ୍ଭ, ଫୁଲଦାନୀ, ବେଡଲାଇଟ, ରୁଖା ଓ ବଡ ବଡ ନୂତନ କାରୁକାର୍ଯ୍ୟ ସହ ୮୬ ପ୍ରକାର ବିଭିନ୍ନ ସାମଗ୍ରୀ ତିଆରି କରାଯାଉଛି । ଜିଲାର ହାଟ ବଜାରରେ ପୁରୁଣା ଢାଞ୍ଚାର ସାମଗ୍ରୀ ବିକ୍ରି କରିବା ସମୟରେ ଗୋଟିଏ ଦର ମଧ୍ୟରେ ସିମିତ ରହିଥିଲା । ଏବେ ବାହାର ବଜାରକୁ ଯିବା ପରେ ସାମଗ୍ରୀ ଗୁଡିକର ଦର ନିର୍ଦ୍ଧାରଣ ସହ ନୂଆ କିଛି ଅଧିକ ଶିଖିବାକୁ ସୁଯୋଗ ମିଳି ପାରିଛି । ଏହା ପଛରେ ଜିଲା ପ୍ରଶାସନର ପ୍ରଚ୍ଛନ୍ନ ହାତ ରହିଛି । ମାଟି ସଫା ପାଇଁ ମେସିନ ଏବଂ ମେସିନ ଚାଳିତ ହ୍ୱିଲ ଆଦି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ୮୦ ପରିବାର ପାଇଁ ୮ଟି ମେସିନ ଯୋଗାଇ ଦିଆଯାଇଥିବା କାରିଗର ଫଗୁଣ କୁମ୍ଭାର ଓ ଉପେନ୍ଦ୍ର କୁମ୍ଭାର କହିଛନ୍ତି । ଏବେ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ୬ ମାସ ପର୍ଯ୍ୟନ୍ତ ନୂତନ ଡିଜାଇନର ବିଭିନ୍ନ ସାମଗ୍ରୀ ତିଆରି ପାଇଁ ତାଲିମ ଦିଆଯାଉଛି । ପ୍ରଶିକ୍ଷକ ଭାବେ ଭରତ କୁମ୍ଭାର ଓ ହରିଶ୍ଚନ୍ଦ୍ର କୁମ୍ଭାର ରହିଛନ୍ତି । ୧୫ ଜଣ ଲେଖାଏଁ କାରିଗରଙ୍କୁ ନେଇ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯାଉଛି । ଆଗକୁ ରାଜ୍ୟର ବିଭିନ୍ନ ଜିଲାସ୍ତରୀୟ ଲୋକ ମହୋତ୍ସବ ପାଇଁ ମଧ୍ୟ ହସ୍ତଶିଳ୍ପୀମାନେ ଟେରାକୋଟା ସାମଗ୍ରୀ ପ୍ରସ୍ତୁତିରେ ଲାଗି ପଡିଛନ୍ତି।





କାରିଗରମାନେ ଟେରାକୋଟା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ